# ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims

RNI Regd. No. :ODIMUL/2023/89182 https://voiceofvictimsepaper.in Weekly Multilingual Rs - 5.00

ଭାଗ: ୩, ସଂଖ୍ୟା: ୪୨, ଭୁବନେଶ୍ୱର, ସେପ୍ଟେମ୍ବର ୭ - ସେପ୍ଟେମ୍ବର ୧୩, ୨୦୨୬, Vol: 3, Issue: 42, Bhubaneswar, Sept. 7 - Sept. 13, 2026 Pages- 8


# ୬୫ ବର୍ଷର ଐତିହ୍ୟ ଧ୍ୱଂସସ୍ତୂପରେ !



- ପୁରୁଣା ଶ୍ରେଣୀ ଗୃହ ମାଟିରେ ବିଲୀନ
- ସ୍କୁଲ୍ ହତାରେ ଖତ ହେଲାଣି ଆସବାବପତ୍ର
- ନୂତନ ଗୃହ ନିର୍ମାଣର ଯୋଜନା ନାହିଁ
- ଭଙ୍ଗା ପାଇଁ ମଧ ନାହିଁ ଅର୍ଥ ବରାଦ
- ପରିଚାଳନା ସମିତିକୁ ଅଣଦେଖା କରିବା ନେଇ ପ୍ରଶ୍ନ
- ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି

**ରଣପୁର (ଭିଓଭି) :** ଯେଉଁ ଶ୍ରେଣୀଗୃହର କାନ୍ଥ ଭିତରେ ଦିନେ ଦିନେ ଗଢ଼ି ଉଠିଥିଲା ଅନେକ ପିଢ଼ିର ସ୍ୱପ୍ନ, ଯେଉଁ ବେଞ୍ଚ ଓ ହାଇଡେସ୍କରେ ବସି ଅନେକ ଛାତ୍ରଛାତ୍ରୀ ନିଜ ଭବିଷ୍ୟତର ଭିତ୍ତି ଗଢ଼ିଥିଲେ, ଆଜି ସେହି ସ୍ମୃତିର ଅମୂଲ୍ୟ ଚିହ୍ନଗୁଡ଼ିକ ଖରା, ବର୍ଷା ଓ ଅବହେଳାରେ ନଷ୍ଟ ହେବାକୁ ଛାଡ଼ି ଦିଆଯାଇଛି । ରଣପୁର ବ୍ଲକ ଅଧୀନସ୍ଥ ସାରଙ୍ଗଧରପୁର ହାଇସ୍କୁଲ, ଅଞ୍ଚଳର ଏକ ପୁରାତନ ଶିକ୍ଷାନୁଷ୍ଠାନ । ୧୯୬୧ ମସିହାରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟ ଦୀର୍ଘ ୬୫ ବର୍ଷ ଧରି ଅଞ୍ଚଳର ଶିକ୍ଷା ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଆସିଛି । ନୂଆ ଶିକ୍ଷାନୀତି ଅନୁସାରେ ବିଦ୍ୟାଳୟ ମିଶ୍ରଣ ପ୍ରକ୍ରିୟାରେ ସାମିଲ ହୋଇ ଏହା ବର୍ତ୍ତମାନ 'ସାରଙ୍ଗଧରପୁର ନୋଡାଲ ଉଚ୍ଚ ବିଦ୍ୟାଳୟ' ଭାବେ ନାମିତ ହୋଇଛି ।

## ଐତିହ୍ୟର ସାକ୍ଷୀ ଥିଲା ବିଦ୍ୟାଳୟ



ତଥ୍ୟ ଅନୁଯାୟୀ, ବୃନ୍ଦାବନପୁର ଗ୍ରାମର ବୃନ୍ଦାବନ ମିଶ୍ର ଏହି ବିଦ୍ୟାଳୟରୁ ମାଟ୍ରିକ ପାସ୍ କରିଥିବା ପ୍ରଥମ ଛାତ୍ର ଥିଲେ । ଏହି ବିଦ୍ୟାଳୟର ଇତିହାସରେ ସାରଙ୍ଗଧରପୁର ଗ୍ରାମର ଶିକ୍ଷାବିତ୍ ଶରତ କୁମାର ମହାପାତ୍ରଙ୍କ ଅବଦାନ ମଧ ଅବିସ୍ମରଣୀୟ । ଉଚ୍ଚଶିକ୍ଷିତ ଶରତ କୁମାର ମହାପାତ୍ର ଅନେକ ସରକାରୀ ଚାକିରିର ସୁଯୋଗକୁ ଉପେକ୍ଷା କରି ନିଜ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ଶିକ୍ଷା ବିକାଶକୁ ଗୁରୁତ୍ୱ ଦେଇ ଏହି ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ ଯୋଗଦେଇଥିଲେ । ଶେଷରେ ଏହି ବିଦ୍ୟାଳୟରୁ ହିଁ ସେ ଅବସର ଗ୍ରହଣ କରିଥିଲେ । ଏଭଳି ଏକ ଐତିହ୍ୟବାହୀ ଅନୁଷ୍ଠାନର ପୁରୁଣା ଶ୍ରେଣୀଗୃହ ଆଜି ଧୂଳିସାତ୍ । ଗୃହ ଭାଙ୍ଗି ଦିଆଯାଇଥିବା ବେଳେ ସେଠାରେ ନୂତନ ଗୃହ ନିର୍ମାଣର ସ୍ପଷ୍ଟ ଯୋଜନା କିମ୍ବା ଅନୁଦାନ ଥିବା ନେଇ କୌଣସି ସୂଚନା ନଥିବା ଅଭିଯୋଗ ହୋଇଛି ।

## ବେଞ୍ଚରେ ଆଉ ପାଠ ନୁହେଁ, ଖରା-ବର୍ଷାର ଦାଗ !



ସବୁଠାରୁ ହୃଦୟବିଦାରକ ଦୃଶ୍ୟ ହେଉଛି, ବିଦ୍ୟାଳୟର ପୁରୁଣା ବେଞ୍ଚ, ହାଇଡେସ୍କ, ଟେବୁଲ୍, ଚୌକି, ଆଲମାରୀ ଓ ବହିଥାକ ଭଳି ଆସବାବପତ୍ରଗୁଡ଼ିକ ଏବେ ଖୋଲା

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)




## ମୁଖ୍ୟ ସ୍ତମ୍ଭ

# ଅବସାଦ ଏକ ମାନସିକ ବ୍ୟାଧି

ଆଜିର ଦ୍ରୁତଗତିଶୀଳ ଜୀବନରେ ମଣିଷ ଯେତେ ଅଧିକ ସଫଳତାର ପଛରେ ଦୌଡୁଛି, ସେତେ ଅଧିକ ଭାବେ ନିଜ ମନକୁ ଅବହେଳା କରୁଛି। ବାହାରୁ ସବୁକିଛି ସ୍ୱାଭାବିକ ଦେଖାଯାଉଥିଲେ ମଧ୍ୟ ଅନେକ ମଣିଷ ଭିତରେ ଭିତରେ ଏକ ଅଦୃଶ୍ୟ ଯନ୍ତ୍ରଣା ସହ ଲଢୁଛନ୍ତି। ସେହି ଯନ୍ତ୍ରଣାର ଏକ ଗୁରୁତର ରୂପ ହେଉଛି ଅବସାଦ। ଏହା କେବଳ ମନ ଖରାପ ହେବା କିମ୍ବା କିଛି ସମୟ ପାଇଁ ଦୁଃଖିତ ହେବା ନୁହେଁ; ଏହା ଏକ ମାନସିକ ବ୍ୟାଧି, ଯାହା ବ୍ୟକ୍ତିର ଚିନ୍ତାଧାରା, ଆଚରଣ, ଶାରୀରିକ ସ୍ୱାସ୍ଥ୍ୟ ଓ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରିପାରେ। ବିଫଳତା, ଆର୍ଥିକ ସଙ୍କଟ, ପରିବାରିକ ଅଶାନ୍ତି, ପ୍ରିୟଜନଙ୍କୁ ହରାଇବା, ଦାମ୍ପତ୍ୟ ସମସ୍ୟା, ଚାକିରିର ଚାପ, ଶିକ୍ଷାଗତ ପ୍ରତିଯୋଗିତା, ଏକାକୀପଣ ଓ ସାମାଜିକ ତୁଳନା, ଏସବୁ ଅବସାଦର ମାତ୍ରା ବଢ଼ାଇପାରେ। ବିଶେଷକରି ଆଜିର ଡିଜିଟାଲ ଯୁଗରେ ସୋସିଆଲ ମିଡିଆରେ ଅନ୍ୟମାନଙ୍କ ଚକଚକିଆ ଜୀବନ ସହ ନିଜ ଜୀବନକୁ ତୁଳନା କରିବା ମଧ୍ୟ ଅନେକଙ୍କ ମନରେ ହୀନମନ୍ୟତା ଓ ଅସନ୍ତୋଷ ସୃଷ୍ଟି କରୁଛି। ଅବସାଦର ସବୁଠାରୁ ବଡ଼ ବିପଦ ହେଉଛି, ଏହା ସବୁବେଳେ ଆଖିରେ ଦେଖାଯାଏ ନାହିଁ। ଜଣେ ମଣିଷ ହସୁଥାଇପାରନ୍ତି, ସମସ୍ତଙ୍କ ସହ କଥା ହେଉଥାଇପାରନ୍ତି, ନିଜ କର୍ତ୍ତବ୍ୟ ସଠିକ୍ ଭାବେ କରୁଥାଇପାରନ୍ତି; ତଥାପି ତାଙ୍କ ମନ ଭିତରେ ଗଭୀର ଅନ୍ଧକାର ଥାଇପାରେ। ଦୀର୍ଘ ସମୟ ଧରି ମନ ଉଦାସ ରହିବା, ପୂର୍ବରୁ ଭଲ ଲାଗୁଥିବା



କୈଳାସ ଚନ୍ଦ୍ର ଶତପଥୀ

କାମରେ ଆଗ୍ରହ ନରହିବା, ନିଦ୍ରା କିମ୍ବା ଖାଦ୍ୟାଭ୍ୟାସରେ ପରିବର୍ତ୍ତନ, ନିଜକୁ ମୂଲ୍ୟହୀନ ମନେ କରିବା, ଅତ୍ୟଧିକ ଚିନ୍ତା ଓ ନିରାଶା, ଏସବୁକୁ ଅବହେଳା କରିବା ଠିକ୍ ନୁହେଁ। ଦୁଃଖର ବିଷୟ, ଆମ ସମାଜରେ ମାନସିକ ସ୍ୱାସ୍ଥ୍ୟକୁ ନେଇ ଏବେ ମଧ୍ୟ ଅନେକ ଭ୍ରାନ୍ତ ଧାରଣା ରହିଛି। କେହି ଅବସାଦର କଥା କହିଲେ ତାଙ୍କୁ 'ଦୁର୍ବଳ', 'ନକାରାତ୍ମକ' କିମ୍ବା 'ଅଧିକ ଭାବୁଥିବା ମଣିଷ' ବୋଲି କହିଦେବା ଅତ୍ୟନ୍ତ ଅସମ୍ବେଦନଶୀଳତାର ପରିଚୟ। ଶରୀର ଅସୁସ୍ଥ ହେଲେ ଯେପରି ଡାକ୍ତରଙ୍କ ପରାମର୍ଶ ନିଆଯାଏ, ସେହିପରି ମନ ଅସୁସ୍ଥ ହେଲେ ମଧ୍ୟ ବିଶେଷଜ୍ଞଙ୍କ ସହାୟତା ନେବା ସ୍ୱାଭାବିକ କଥା। ମାନସିକ ଚିକିତ୍ସା ନେବା ଦୁର୍ବଳତା ନୁହେଁ; ବରଂ ନିଜ ଜୀବନ ପ୍ରତି ଦାୟିତ୍ୱବୋଧର ପରିଚୟ। ଏ କ୍ଷେତ୍ରରେ ପରିବାରର ଭୂମିକା ସର୍ବପ୍ରଥମ। ଅବସାଦଗ୍ରସ୍ତ ବ୍ୟକ୍ତିଙ୍କୁ ଉପଦେଶ ଦେବା ପୂର୍ବରୁ ତାଙ୍କ କଥା ଶୁଣିବା ଆବଶ୍ୟକ। 'ସବୁ ଠିକ୍ ହୋଇଯିବ', 'ଏତିକି କଥାରେ ଦୁଃଖ କାହିଁକି?', 'ମନକୁ ଶକ୍ତ କର' ଏପରି କଥା ସବୁବେଳେ ସହାୟକ ହୁଏ ନାହିଁ। ତା' ପରିବର୍ତ୍ତେ ସ୍ନେହ, ସହାନୁଭୂତି, ଧୈର୍ଯ୍ୟ ଓ ଆବଶ୍ୟକ ସମୟରେ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସହାୟତା ଅଧିକ ଫଳପ୍ରଦ।

ଶିକ୍ଷାନୁଷ୍ଠାନ ଓ କାର୍ଯ୍ୟକ୍ଷେତ୍ରରେ ମଧ୍ୟ ମାନସିକ ସ୍ୱାସ୍ଥ୍ୟ ପ୍ରତି ସଚେତନତା ବଢ଼ାଇବାର ସମୟ ଆସିଛି। କେବଳ ଭଲ ନମ୍ବର, ଭଲ ଚାକିରି କିମ୍ବା ଅଧିକ ଆୟକୁ ସଫଳତାର ମାପକାଠି କରିବା ଉଚିତ ନୁହେଁ। ଜଣେ ମଣିଷର ମାନସିକ ଶାନ୍ତି, ଆତ୍ମସମ୍ମାନ ଓ ସୁସ୍ଥ ସମ୍ପର୍କ ମଧ୍ୟ ଜୀବନର ସଫଳତାର ଅଂଶ। ଛାତ୍ରଛାତ୍ରୀଙ୍କ ଉପରେ ଅତ୍ୟଧିକ ପ୍ରତିଯୋଗିତାର ଚାପ ନଦେଇ ସେମାନଙ୍କୁ ବିଫଳତାକୁ ସ୍ୱୀକାର କରି ପୁଣି ଉଠିବାର ସାହସ ଶିଖାଇବା ଦରକାର। ଅବସାଦକୁ ଲୁଚାଇ ରଖିବା ନୁହେଁ, ଚିହ୍ନଟ କରିବା ଓ ଚିକିତ୍ସା କରିବା ହେଉଛି ସମାଧାନର ପ୍ରଥମ ପଦକ୍ଷେପ। ସମାଜ ଯଦି ମାନସିକ ରୋଗକୁ ନେଇ ଥିବା ଲଜ୍ଜା ଓ କୁସଂସ୍କାରରୁ ମୁକ୍ତ ହୋଇପାରେ, ତେବେ ଅନେକ ମଣିଷ ସମୟ ପୂର୍ବରୁ ସହାୟତା ପାଇପାରିବେ। ଆମେ ମନେ ରଖିବା ଆବଶ୍ୟକ, ମଣିଷର ଜୀବନ ଏକ ବିଫଳତା, ଏକ ସମସ୍ୟା କିମ୍ବା ଏକ ଦୁର୍ଦ୍ଦିନଠାରୁ ଅନେକ ବଡ଼। ତେଣୁ ଅବସାଦକୁ ଅବହେଳା ନୁହେଁ, ଆବଶ୍ୟକ ବୁଝାମଣା, ସହାନୁଭୂତି ଓ ଚିକିତ୍ସା ଦରକାର। ମନର ଯତ୍ନ ନେବା ମଧ୍ୟ ଶରୀରର ଯତ୍ନ ନେବା ପରି ଗୁରୁତ୍ୱପୂର୍ଣ୍ଣ। ସୁସ୍ଥ ସମାଜ ଗଠନର ଆରମ୍ଭ ହେଉ, ସୁସ୍ଥ ମନରୁ।



# 'ଭଏସ୍ ଅଫ୍ ଭିକ୍ଟିମ୍ସ' ପକ୍ଷରୁ ଛାତ୍ରଙ୍କୁ ଶିକ୍ଷା ସହାୟତା ପ୍ରଦାନ

**ରଣପୁର (ଭିଓଭି) :** ଆର୍ଥିକ ଅସୁବିଧା ସତ୍ତ୍ୱେ ଶିକ୍ଷା ଜାରି ରଖିବାକୁ ଆଗ୍ରହୀ ଛାତ୍ରଙ୍କୁ ସହାୟତାର ହାତ ବଢ଼ାଇଛି 'ଭଏସ୍ ଅଫ୍ ଭିକ୍ଟିମ୍ସ'। ଯୁକ୍ତଦୁଇ ପଢ଼ା ପାଇଁ ଆବଶ୍ୟକ ଡ୍ରେସ୍, ଛତା, ପାଣି ବୋତଲ ଓ ଅନ୍ୟାନ୍ୟ ଶିକ୍ଷା ସାମଗ୍ରୀ ସହିତ ୫୦୦ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ସହାୟତା ସ୍ୱର୍ଗତ ସନ୍ତୋଷ ଚଣ୍ଡଙ୍କ ପୁତ୍ର ଓମ୍‌ପ୍ରକାଶ ଚଣ୍ଡଙ୍କୁ ପ୍ରଦାନ କରାଯାଇଛି। ତାଙ୍କ ମାତା ଶ୍ରୀମତୀ ଶାନ୍ତିଲତା ଚଣ୍ଡ। ପରିବାରର ମୂଳ ନିବାସ ଦେଉଳି ସ୍ଥିତ କଡବ ହୋଇଥିବା ବେଳେ ବର୍ତ୍ତମାନ ସେମାନେ ଗୋପାଳପୁର, ରାମଚନ୍ଦ୍ରପୁର ଅଞ୍ଚଳର ନବଘନପୁରରେ ସ୍ଥାୟୀ ଭାବେ ବସବାସ କରୁଛନ୍ତି। ଶିକ୍ଷା ଜାରି ରଖିବାରେ ଆର୍ଥିକ ପ୍ରତିବନ୍ଧକ ଯେପରି ଛାତ୍ରଙ୍କ ଭବିଷ୍ୟତରେ ବାଧା ନହୁଏ, ସେଥିପାଇଁ 'ଭଏସ୍ ଅଫ୍ ଭିକ୍ଟିମ୍ସ' ପକ୍ଷରୁ ଏଭଳି ସହାୟତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାପଡ଼ିଛି। ସମାଜର ଆବଶ୍ୟକତାରେ ଥିବା ଲୋକଙ୍କ ପାଖରେ ଠିଆ ହୋଇ ମାନବିକତାର ଏହି ଉଦାହରଣ ନିଶ୍ଚିତ ଭାବେ ପ୍ରଶଂସନୀୟ।

# ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚା ସଭାପତି ହେଲେ ରଞ୍ଜନ ବରାଳ



**ସତ୍ୟବାଦୀ(ଭିଓଭି) :** ଭାରତୀୟ ଜନତା ପାର୍ଟି ପୁରୀ ଜିଲ୍ଲାର ସାଂଗଠନିକ କାର୍ଯ୍ୟକୁ ଆହୁରି ସୁଦୃଢ଼ ଓ ଗତିଶୀଳ କରିବା ଲକ୍ଷ୍ୟରେ ରଞ୍ଜନ କୁମାର ବରାଳଙ୍କୁ ପୁରୀ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଭାବେ ଦାୟିତ୍ୱ ଦିଆଯାଇଛି। ପୁରୀ ଜିଲ୍ଲା ବିଜେପି ସଭାପତି ବିଭୁଦତ୍ତ ତରାଇ ଚିଠି ନଂ. ୮୪/୨୦୨୬ ମାଧ୍ୟମରେ ଏନେଇ ଶ୍ରୀ ବରାଳଙ୍କୁ ଅବଗତ କରାଇଛନ୍ତି। ଶ୍ରୀଯୁକ୍ତ ବରାଳ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ବିଜେପି ସଂଗଠନ ସହ ଜଡ଼ିତ ରହି ଦଳୀୟ କାର୍ଯ୍ୟରେ ସକ୍ରିୟ ଭୂମିକା ତୁଲାଇ ଆସୁଛନ୍ତି। ସଂଗଠନ ପ୍ରତି ତାଙ୍କର ନିଷ୍ଠା ଓ ଦୀର୍ଘ ଅଭିଜ୍ଞତାକୁ ଦୃଷ୍ଟିରେ ରଖି ଏହି ଦାୟିତ୍ୱ ଦିଆଯାଇଥିବା ଜଣାପଡ଼ିଛି। ଏହି ମଧ୍ୟରେ ତାଙ୍କ ଧର୍ମପତ୍ନୀ ବିଷ୍ଣୁପ୍ରିୟା ବରାଳ ସତ୍ୟବାଦୀ ନିର୍ବାଚନମଣ୍ଡଳୀର ୩୨ ନମ୍ବର ଜୋନରୁ ବିଜେପି ପକ୍ଷରୁ ଜିଲ୍ଲା ପରିଷଦ ସଭ୍ୟା ଭାବେ ନିର୍ବାଚିତ ହୋଇଛନ୍ତି। ନୂତନ ଦାୟିତ୍ୱ ମାଧ୍ୟମରେ ଶ୍ରୀ ବରାଳ ନିଜର ସାଂଗଠନିକ ଦକ୍ଷତା, ନିଷ୍ଠା ଓ କାର୍ଯ୍ୟକୁଶଳତାର ପରିଚୟ ଦେଇ ଜିଲ୍ଲାର କୃଷକ ମୋର୍ଚ୍ଚା ସହ ଦଳୀୟ ସଂଗଠନକୁ ଆହୁରି ମଜବୁତ କରିବେ ବୋଲି ଜିଲ୍ଲା ସଭାପତି ଆଶାବ୍ୟକ୍ତ କରିଛନ୍ତି। ଏଥିସହ ଦଳର ନୀତି, ଆଦର୍ଶ ଓ ଜନକଲ୍ୟାଣମୂଳକ ବାର୍ତ୍ତାକୁ ଜନସାଧାରଣ, ବିଶେଷକରି କୃଷକ ସମାଜ ନିକଟରେ ପହଞ୍ଚାଇବା ଦିଗରେ ସେ କାର୍ଯ୍ୟ କରିବେ ବୋଲି କୁହାଯାଇଛି। ନୂତନ ଦାୟିତ୍ୱ ପାଇବା ପରେ ଶ୍ରୀଯୁକ୍ତ ବରାଳଙ୍କୁ ଦଳର ବରିଷ୍ଠ ନେତା, ପଦାଧିକାରୀ ଓ କର୍ମୀମାନେ ଶୁଭେଚ୍ଛା ଜଣାଇବା ସହ ତାଙ୍କର ସଫଳ କାର୍ଯ୍ୟକାଳ କାମନା କରିଛନ୍ତି।

# ପ୍ଲାଷ୍ଟିକ ମୁକ୍ତ ହେବ ବାଲିଯାତ୍ରା

**କଟକ (ଭିଓଭି) :** ପ୍ଲାଷ୍ଟିକ ମୁକ୍ତ ହେବ ଏଥର ବାଲିଯାତ୍ରା । ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି ବୋଲି ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ କହିଛନ୍ତି । ସେ କହିଛନ୍ତି, ପ୍ଲାଷ୍ଟିକ ବ୍ୟବହାର ପାଇଁ ଫରେଷ୍ଟ ଡିପାର୍ଟମେଣ୍ଟ ଆଗରୁ ମନା କରି ଆସୁଛି। କିନ୍ତୁ ସାଧାରଣ ଲୋକମାନଙ୍କ ପାଖରେ ସଚେତନତା ଅଭାବରୁ ଏହାକୁ ପାଳନ କରାଯାଇ ପାରୁ ନାହିଁ । ବିଭିନ୍ନ ଦୋକାନମାନଙ୍କରେ ସିଙ୍ଗଲ ବ୍ୟବହାର ପ୍ଲାଷ୍ଟିକ ମିଳୁଛି । ଲୋକମାନଙ୍କୁ ଏନେଇ ସଚେତନ କରାଇ ତାଙ୍କୁ ଏହାକୁ ବ୍ୟବହାର କରିବାକୁ କହିବାକୁ ପଡିବ। ଖାଲି ଗଛ ଲଗାଇଲେ ପରିବେଶ ଠିକ ହେବନି । ଆମକୁ ସାମାଜିକ ଜୀବନରେ ପ୍ଲାଷ୍ଟିକକୁ ବ୍ୟବହାର ନକରି ସିଙ୍ଗଲ ବ୍ୟବହାର ପ୍ଲାଷ୍ଟିକକୁ ବ୍ୟବହାର କରିବା ଉଚିତ ବୋଲି ସେ କହିଛନ୍ତି । ବାଲିଯାତ୍ରାକୁ ଲକ୍ଷ ଲକ୍ଷ ଲୋକ ଆସିବେ। ସମସ୍ତେ ସଚେତନ ହେଲେ ପରିବେଶ ସୁରକ୍ଷିତ ରହିବ ବୋଲି ମନ୍ତ୍ରୀ ଗଣେଷ ରାମ ସିଂହ ଖୁଣ୍ଟିଆ କହିଛନ୍ତି।

## ଜନ ସେବାର ମୁହଁ



**ଗୀତାଞ୍ଜଳି ସାହୁ**
ସମିତି ସଭ୍ୟା
ନରସିଂହପୁର ପଞ୍ଚାୟତ

ରଣପୁର ବ୍ଲକ ଅଧିନସ୍ଥ ନରସିଂହପୁର ପଞ୍ଚାୟତର ସମିତି ସଭ୍ୟା ହେଉଛନ୍ତି ଗୀତାଞ୍ଜଳି ସାହୁ।

ଗୀତାଞ୍ଜଳି ନାମରେ ଯେମିତି କାମରେ ମଧ୍ୟ ସେମିତି ବୋଲି ନିଜ ଅଞ୍ଚଳ ଲୋକେ କହିଥାନ୍ତି।ଅନେକ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଉଚ୍ଚ ବିଚାରଧାରା ସ୍ୱଚ୍ଛ ମନୋବୃତି ଓ ସକାରାତ୍ମକ ମନୋଭାବକୁ ନେଇ ଜଣେ ୱାଡ ମେମ୍ବର ଭାବରେ ଗୀତାଞ୍ଜଳି ୨୦୧୭ ପଞ୍ଚାୟତ ନିର୍ବାଚନରେ ପାଦ ଥାପିଥିଲେ। ଲୋକଙ୍କୁ ସଂଗଠିତ କରି ଅଞ୍ଚଳର ଉନ୍ନତି ମୂଳକ କାର୍ଯ୍ୟକରିବାର ଶୈଳୀ ପାଇଁ ପଞ୍ଚାୟତ ବାସୀଙ୍କ ସହଯୋଗ ରେ ସେ ୨୦୨୨ ମସିହାରେ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇପାରିଥିଲେ। ଏକ ସାଧାରଣ ପରିବାରରୁ ଆସିଥିଲେ ମଧ୍ୟ ରାଜନୀତି ଭିତରେ ଜନସେବା କରିବାର କଳା ତାଙ୍କ ପାଇଁ ଭଗବାନଙ୍କ ଆଶୀର୍ବାଦ ସଦୃଶ। ସଂଘର୍ଷମୟ ଜୀବନ ଭିତରେ ମଧ୍ୟ ପଞ୍ଚାୟତ ବାସୀଙ୍କ ଦୁଃଖସୁଖର ସାଥୀ ହୋଇ ସବୁବେଳେ ସେ ରହିଥାଆନ୍ତି । ତାଙ୍କ କହିବା ଅନୁଯାୟୀ ଲୋକମାନଙ୍କ କାମକରି ସେ ଅପାର ଆନନ୍ଦ ଲାଭ କରିବା ସହିତ ନିଜର କଷ୍ଟକୁ ଭୁଲିଯାଇ ଥାଆନ୍ତି। ସାଧାରଣରେ ଚର୍ଚ୍ଚା ହୁଏ ଯେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଗୀତା ପୁଣିଥରେ ପଞ୍ଚାୟତ ବାସୀଙ୍କ ବିଶ୍ୱାସଭାଜନ ଲାଭ କରି ପାରନ୍ତି।



# ସମ୍ମମ୍‌ରେ ଆଞ୍ଜିଓଜେଟ୍ ଥ୍ରୋମ୍ବେକ୍ଟୋମି ସିଷ୍ଟମ୍‌ର ଶୁଭାରମ୍ଭ : ଓଡ଼ିଶାର ପ୍ରଥମ

**ଭୁବନେଶ୍ୱର (ଭିଓଭି) :** ଅତ୍ୟାଧୁନିକ ରକ୍ତନଳୀ ଏବଂ ଇଂଟରଭେନସନାଲ୍ ଚିକିତ୍ସା କ୍ଷେତ୍ରରେ ସମ୍ ଅଲ୍‌ଟିମେଟ୍ ମେଡିକେୟାର (ସମ୍ମମ୍) ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି । ରାଜ୍ୟର ପ୍ରଥମ ହସ୍ପିଟାଲ୍ ଭାବେ ସମ୍ମମ୍‌ରେ ଆଞ୍ଜିଓଜେଟ୍ ଥ୍ରୋମ୍ବେକ୍ଟୋମି ସିଷ୍ଟମର ଶୁଭାରମ୍ଭ ନିକଟରେ କରାଯାଇଛି । ଏହି ଅତ୍ୟାଧୁନିକ ପ୍ରଯୁକ୍ତି ଜଟିଳ ରକ୍ତ ଜମାଟ ଜନିତ ସମସ୍ୟାର ମିନିମାଲି ଇନଭେସିଭ୍ ଚିକିତ୍ସା କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ । ଜଟିଳ ରକ୍ତଜମାଟ ଜନିତ ସମସ୍ୟାରେ ପିଡ଼ିତ ଥିବା ରୋଗୀଙ୍କ କ୍ଷେତ୍ରରେ ବଡ଼ ଅସ୍ତ୍ରୋପଚାରର ଆବଶ୍ୟକତାକୁ ଏଡ଼ାଇ ଏହି ପ୍ରଯୁକ୍ତି ସହାୟତାରେ ଚିକିତ୍ସା କରାଯାଇପାରିବ । ଆଞ୍ଜିଓଜେଟ୍ ହେଉଛି ଏକ ଅତ୍ୟାଧୁନିକ ଥ୍ରୋମ୍ବେକ୍ଟୋମି ପ୍ରଣାଳୀ, ଯାହା ଅବରୁଦ୍ଧ ରକ୍ତନଳୀରୁ ଦ୍ରୁତଗତିରେ ରକ୍ତ ଜମାଟକୁ ଭାଙ୍ଗି ବାହାର କରିବାରେ ସହାୟକ ହୋଇଥାଏ । ଜଣେ ଇଂଟରଭେନସନାଲ୍ ରେଡିଓଲୋଜିଷ୍ଟ ଏକ କ୍ଷୁଦ୍ର ଛିଦ୍ର ମାଧ୍ୟମରେ ପ୍ରଭାବିତ ରକ୍ତନଳୀ ଭିତରକୁ ଏକ ସ୍ୱତନ୍ତ୍ର କ୍ୟାଥେଟର ପ୍ରବେଶ କରାଇଥାନ୍ତି । ଏହି ପ୍ରଣାଳୀ ରକ୍ତ ଜମାଟକୁ ବାହାର କରିବା ସହ ରକ୍ତ ପ୍ରବାହକୁ ପୁନଃ ସ୍ୱାଭାବିକ କରିବାରେ ସହାୟତା କରିଥାଏ ବୋଲି ସମ୍ ଅଲ୍‌ଟିମେଟ୍ ମେଡିକେୟାରର ଇଂଟରଭେନସନାଲ୍ ରେଡିଓଲୋଜି ବିଭାଗର ମୁଖ୍ୟ ତଥା କନ୍‌ସଲଟାଂଟ ଡାକ୍ତର ସମ୍ବିତ କୁମାର ପଟ୍ଟନାୟକ କହିଛନ୍ତି । ଏହି ପ୍ରଯୁକ୍ତି ବିଶେଷକରି ଡିପ୍ ଭେନ୍ ଥ୍ରୋମ୍ବୋସିସ୍ (ଡିଭିଟି)ରେ ପୀଡ଼ିତ ଥିବା ରୋଗୀଙ୍କ ପାଇଁ ଉପକାରୀ ହୋଇପାରିବ । ଏହି ରୋଗରେ ଗୋଡ଼ କିମ୍ବା ଶରୀରର କୌଣସି ଶିରାରେ ରକ୍ତ ଜମାଟ ସୃଷ୍ଟି ହୋଇଥାଏ । ଏହାର ଠିକ୍ ସମୟରେ ଚିକିତ୍ସା ନହେଲେ ପଲମୋନାରୀ ଏମ୍ବୋଲିଜମ୍ ସମେତ ବିଭିନ୍ନ ଗୁରୁତର ଜଟିଳତା ସୃଷ୍ଟି ହେବା ସହ ପ୍ରଭାବିତ ଅଙ୍ଗରେ ଦୀର୍ଘକାଳୀନ ଯନ୍ତ୍ରଣା ଓ ଫୁଲା ଦେଖାଦେଇପାରେ ।

ଆଞ୍ଜିଓଜେଟ ଆକ୍ୟୁଟ୍ ଆର୍ଟେରିଆଲ୍ ଥ୍ରୋମ୍ବୋସିସ କ୍ଷେତ୍ରରେ ମଧ୍ୟ ଚିକିତ୍ସା କରାଯାଇପାରିବ । ଏହି ଅବସ୍ଥାରେ ହଠାତ୍ ସୃଷ୍ଟି ହୋଇଥିବା ରକ୍ତ ଜମାଟ ହାତ କିମ୍ବା ଗୋଡ଼କୁ ରକ୍ତ ଯୋଗାଣରେ ବାଧା ସୃଷ୍ଟି କରି ଅଙ୍ଗ ପ୍ରତି ବିପଦ ସୃଷ୍ଟି କରିପାରେ । ଏହା ସହିତ ଡାଏଲିସିସ୍ ପାଇଁ ବ୍ୟବହୃତ ଏଭି ଫିଷ୍ଟୁଲା ଏବଂ ଗ୍ରାଫ୍‌ଟରେ ସୃଷ୍ଟି ହୋଇଥିବା ରକ୍ତ ଜମାଟକୁ ଦୂର କରି ସେଗୁଡ଼ିକର କାର୍ଯ୍ୟକ୍ଷମତା ଫେରାଇବାରେ ମଧ୍ୟ ଏହି ପ୍ରଣାଳୀ ସହାୟକ ହୋଇପାରିବ । ଅଧିକ ମାତ୍ରାରେ ରକ୍ତ ଜମାଟ ସୃଷ୍ଟି ହୋଇଥିବା ଅନ୍ୟାନ୍ୟ ରକ୍ତନଳୀ ଜନିତ ରୋଗରେ ମଧ୍ୟ ଏହି ପ୍ରଯୁକ୍ତିର ଉପଯୋଗ କରାଯାଇପାରିବ ବୋଲି ଡାକ୍ତର ପଟ୍ଟନାୟକ କହିଛନ୍ତି । "ଆଞ୍ଜିଓଜେଟର ଅନ୍ୟତମ ପ୍ରମୁଖ ସୁବିଧା ହେଉଛି ଯେ ଏହି ଚିକିତ୍ସା ପ୍ରକ୍ରିୟାକୁ ଏକ କ୍ଷୁଦ୍ର, ପିନ୍‌ହୋଲ୍ ଆକାରର ଛିଦ୍ର ମାଧ୍ୟମରେ କରାଯାଇପାରିବ । ଫଳରେ ବଡ଼ ଅସ୍ତ୍ରୋପଚାରର ଆବଶ୍ୟକତା ଏଡ଼ାଯାଇପାରିବ । ଉପଯୁକ୍ତ ରୋଗୀଙ୍କ କ୍ଷେତ୍ରରେ ଏହା ଦ୍ରୁତ ରକ୍ତ ଜମାଟ ଅପସାରଣ, ରକ୍ତ ପ୍ରବାହର ପୁନରୁଦ୍ଧାର ଏବଂ ଶୀଘ୍ର ଆରୋଗ୍ୟରେ ସହାୟକ ହୋଇପାରିବ," ଡାକ୍ତର ପଟ୍ଟନାୟକ କହିଛନ୍ତି । "ଓଡ଼ିଶାରେ ପ୍ରଥମ ଆଞ୍ଜିଓଜେଟ୍ ପ୍ରଣାଳୀର ପ୍ରଚଳନ ରାଜ୍ୟ ତଥା ରାଜ୍ୟ ବାହାରର ରୋଗୀଙ୍କ ନିକଟରେ ଅତ୍ୟାଧୁନିକ ଓ ମିନିମାଲି ଇନଭେସିଭ୍ ରକ୍ତନଳୀ ଚିକିତ୍ସା ଯୋଗାଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ," ବୋଲି ଡାକ୍ତର ପଟ୍ଟନାୟକ କହିଛନ୍ତି । ଏହି ସୁବିଧା ଉପଲବ୍ଧ ହେବା ପରେ ଜଟିଳ ରକ୍ତ ଜମାଟ ସମସ୍ୟାରେ ପୀଡ଼ିତ ରୋଗୀମାନେ, ଯେଉଁମାନଙ୍କୁ ପୂର୍ବରୁ ଉନ୍ନତ ଚିକିତ୍ସା ପାଇଁ ରାଜ୍ୟ ବାହାରକୁ ଯିବାକୁ ପଡୁଥିଲା, ସେମାନେ ଏବେ ଭୁବନେଶ୍ୱରରେ ଏହି ଅତ୍ୟାଧୁନିକ ଥ୍ରୋମ୍ବେକ୍ଟୋମି ଚିକିତ୍ସାର ସୁବିଧା ପାଇପାରିବେ । ସମ୍ମମର ଚିଫ୍ ଅଫ୍ ମେଡିକାଲ୍ ସର୍ଭିସେସ୍ ବ୍ରିଗେଡିୟର (ଡାକ୍ତର) ବିରାଜ ମୋହନ ମିଶ୍ର କହିଛନ୍ତି, "ଆଞ୍ଜିଓଜେଟର ପ୍ରଚଳନ ଆମର ଅତ୍ୟାଧୁନିକ ଏବଂ ମିନିମାଲି ଇନଭେସିଭ୍ ଭାସ୍କୁଲାର କେୟାର କ୍ଷମତାକୁ ଆହୁରି ସୁଦୃଢ଼ କରିବ ।"

ସମ୍ମମର ସିଇଓ ଡକ୍ଟର ଶ୍ୱେତପଦ୍ମା ଦାଶ କହିଛନ୍ତି, "ଆଞ୍ଜିଓଜେଟ୍ ଅତ୍ୟାଧୁନିକ, ପ୍ରଯୁକ୍ତିନିର୍ଭର ଏବଂ ବିଶ୍ୱସ୍ତରୀୟ ରକ୍ତନଳୀ ଚିକିତ୍ସା ସେବାକୁ ଆମ ରୋଗୀଙ୍କ ନିକଟତର କରିବ ।" ଏହି ଅତ୍ୟାଧୁନିକ ପ୍ରଯୁକ୍ତିର ପ୍ରଚଳନ ନେଇ ଖୁସି ବ୍ୟକ୍ତ କରି ଶିକ୍ଷା 'ଓ' ଅନୁସନ୍ଧାନର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ କହିଛନ୍ତି ଯେ "ଓଡ଼ିଶାବାସୀଙ୍କ ନିକଟରେ ଅତ୍ୟାଧୁନିକ ଓ ଅଭିନବ ସ୍ୱାସ୍ଥ୍ୟସେବା ପହଂଚାଇବା ଦିଗରେ ଏହା ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।" "ବଡ଼ ଅସ୍ତ୍ରୋପଚାରକୁ ଯଥାସମ୍ଭବ ଏଡ଼ାଇ ରୋଗୀଙ୍କୁ ଅତ୍ୟାଧୁନିକ, ମିନିମାଲି ଇନଭେସିଭ୍ ଏବଂ ପ୍ରମାଣଭିତ୍ତିକ ଚିକିତ୍ସା ସେବା ପ୍ରଦାନ କରିବା ସମ୍ମମର ଲକ୍ଷ୍ୟ । ଆଞ୍ଜିଓଜେଟର ପ୍ରଚଳନ ଓଡ଼ିଶାରେ ସାମଗ୍ରିକ ଇଂଟରଭେନସନାଲ୍ ରେଡିଓଲୋଜି ଏବଂ ରକ୍ତନଳୀ ଚିକିତ୍ସା ସେବାକୁ ଆହୁରି ସୁଦୃଢ଼ କରିବା ଦିଗରେ ଆଉ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ।"

# ଡାକ୍ତର ନଥିବାରୁ କ୍ୱାକ୍ ଭରସାରେ ରୋଗୀ

## କଷ୍ଟି ଡାକୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବାହାଡ଼ାଝୋଲା
## ଏଠି ବିଧାୟକ ବିଜେଡିରୁ ସାଂସଦ ବିଜେପି
## ସମନ୍ୱୟ ଅଭାବ : ଲୋକେ ଭୋଗୁଛନ୍ତି କଷଣ



**ଓଡଗାଁ (ଭିଓଭି) :** ନୟାଗଡ଼ ଗଡ଼ଜାତ ଆନ୍ଦୋଳନର ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ତଥା ଇଂରେଜ ସରକାରଙ୍କ ନିର୍ଦ୍ଦେଶରେ ନୂଆଗାଁ ଥାନାରେ ହତ୍ୟା କରାଯାଇଥିବା ମହାନ ସଂଗ୍ରାମୀ କଷ୍ଟି ଡାକୁଆଙ୍କ ନାମରେ ନାମିତ ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା, ନୂଆଗାଁ ବ୍ଲକ ବାହାଡାଝୋଲା କଷ୍ଟିଡାକୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବ୍ୟାପକ ଅବହେଳାର ଶିକାର ହୋଇଛି । ପ୍ରାୟ ୧ କୋଟି ୭୦ ଲକ୍ଷ ବ୍ୟୟରେ ଅତ୍ୟାଧୁନିକ ଢାଞ୍ଚାରେ ନିର୍ମାଣ ହେଲା କୋଠା । ଠିକାଦାରଙ୍କ ସ୍ୱାର୍ଥ ସିଦ୍ଧି ହେଲା । ।ହେଲେ ଡାକ୍ତର ଅଭାବରୁ ରୋଗୀ ମାନଙ୍କୁ କ୍ୱାକ୍ ମାନଙ୍କ ଉପରେ ଭରସା କରିବାକୁ ପଡୁଛି । ଆଦିବାସୀ ଅଧ୍ୟୁଷିତ ବାହାଡ଼ାଝୋଲା ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାୟ ୧୦ ପଞ୍ଚାୟତବାସୀ ନିର୍ଭର କରୁଥିବା ବେଳେ ସେମାନଙ୍କ ମଧ୍ୟରେ ପ୍ରାୟ ୭୦ ପ୍ରତିଶତ ଅନୁସୂଚୀତ ଜାତି ଓ ଅନୁସୂଚିତ ଜନଜାତିର ଅଟନ୍ତି । ଏହି ଜନଜାତିରେ କୁସଂସ୍କାର ଓ ଅନ୍ଧ ବିଶ୍ୱାସ ଏବେବି ବଳବତ୍ତର ରହିଛି । ଝଡ଼ା,ଫୁଙ୍କା, ଠାକୁରାଣୀ ଉଭା,ଗୁଣିଗାରେଡି ଦ୍ୱାରା ରୋଗ ଭଲ ନହେଲେ ଅଧିକାଂଶ ରୋଗୀ ଜଟିଳ ପରିସ୍ଥିତିରେ ଡାକ୍ତରଖାନାକୁ ଆସେ । ହେଲେ ଏଠାରେ ଜଣେ ଆୟୁଷ ଡାକ୍ତର ରୋଗୀମାନଙ୍କ ଚିକିତ୍ସା କରୁଥିବା ବେଳେ ଅନ୍ୟ ଜଣେ ଏମବିବିଏସ ଡାକ୍ତର ସପ୍ତାହରେ ୩ଦିନ ଆସିଥାନ୍ତି । ଯଦି ତାଙ୍କର ମୂଳ ଡାକ୍ତରଖାନାରେ କାମ ରହେ କିମ୍ବା ସେ ଛୁଟିରେ ରହନ୍ତି ତେବେ ସେହିଦିନ ଡାକ୍ତର ଅନୁପସ୍ଥିତିରେ ରୋଗୀମାନେ ମହୀପୁର କିମ୍ବା ନୟାଗଡ଼ ଜିଲ୍ଲା ଡାକ୍ତରଖାନାକୁ ଯାଇଥାନ୍ତି ।ସମ୍ବଳ ନଥିବା ରୋଗୀ ଭଗବାନଙ୍କ ଉପରେ ଭରସା କରି ଘରକୁ ଫେରି ଯାଉଛନ୍ତି ।ସରଳ ନିରୀହ ବନବାସୀଙ୍କ ମନରୁ ଅନ୍ଧ ବିଶ୍ୱାସ, କୁସଂସ୍କାରକୁ ଦୂରକରି ସେମାନଙ୍କ ମଧ୍ୟରେ ଡାକ୍ତର ଏବଂ ଡାକ୍ତରଖାନା ପ୍ରତି ବିଶ୍ୱାସ ଜନ୍ମାଇବା ନିମନ୍ତେ ସଚେତନତା ସୃଷ୍ଟି କରି ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସରକାର ଏବଂ ବେସରକାରୀ ସଂସ୍ଥାମାନେ ଆଗେଇ ଆସିବା ଦରକାର ।ସୂଚନା ଥାଉକି ୨୯.୦୫.୨୦୨୩ ରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଏବଂ ତତ୍କାଳୀନ ସାଂସଦଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ ହେଇଥିଲା । ଏବେବି ଉକ୍ତ ଡାକ୍ତରଖାନାରେ ଅନେକ ଅଭାବ ରହିଛି । ଅନ୍ୟପକ୍ଷେ ବିଧାୟକ ବିଜେଡି ଦଳର ହୋଇଥିବା ବେଳେ ସାଂସଦ ବିଜେପିର । ଫଳତଃ ଉଭୟଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ଲୋକେ ଭୋଗୁଛନ୍ତି ଦୁର୍ଦ୍ଦଶା । ତଥାପି ଲୋକେ ସରକାରଙ୍କ ଶୁଭ ଦୃଷ୍ଟି ପ୍ରତି ଆଶାବାଦୀ ଅଛନ୍ତି ।

# ପତଞ୍ଜଳି ଯୋଗ କେନ୍ଦ୍ରରେ ଗୁରୁଦିବସ ପାଳନ



**କଟକ (ଭିଓଭି) :** ଯୋବ୍ରା ସତ୍ୟନାରାୟଣ ମନ୍ଦିର ଓ ମହାନଦୀ ବ୍ୟାରେଜ କଲୋନୀ ସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଥିବା ପତଞ୍ଜଳି ଯୋଗ କେନ୍ଦ୍ରରେ ଗୁରୁଦିବସ ପାଳିତ ହୋଇଯାଇଛି । ବରିଷ୍ଠ ଯୋଗ ଶିକ୍ଷକ ତଥା ସଂଗଠନ ସମ୍ପାଦକ ଶିବାଜୀ ସତ୍ୟ ଷଡ଼ଙ୍ଗୀ କାର୍ଯ୍ୟକ୍ରମକୁ ଉଦଘାଟନ କରି ଡ଼ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଝୁନାରାଣୀ ବେହେରା, ପ୍ରିତିସୁଧା ଲୋପାମୁଦ୍ରା, ଶରତ ବେହେରା, ଉପେନ୍ଦ୍ର ଜେନା, ରଶ୍ମିତା ବେହେରା, ନିତାଇ ବଳ, ପୂର୍ଣ୍ଣଚନ୍ଦ୍ର ସାହୁ, ଦୁର୍ଯୋଧନ ବେହେରା, ଗୋପିନାଥ ସାହୁ, ବାସନ୍ତୀ ଦାସ, କବିତା ରାଉଳ, ଗୀତାଞ୍ଜଳି ସାହୁ, ରୀତାଞ୍ଜଳି ପରିଡ଼ା, ସନ୍ତୋଷି ଭଗତ, ନିର୍ମଳା ଚୌଧୁରୀ, ରଶ୍ମିତା ବସ୍ତିଆ, ରଶ୍ମିତା ଦଳାଇ, ପ୍ରଭାସିନୀ ନାୟକ ଓ କାବେରୀ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ଗୁରୁ ବନ୍ଦନା ଗାନ ସହ ଯୋଗ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା ।

# ମୌଳିକ ସୁବିଧାରୁ ବଞ୍ଚିତ ଜଗତିମଡା ଗ୍ରାମବାସୀ : ଗାଁକୁ ନାହିଁ ସରକାରୀ ରାସ୍ତା

**ରଣପୁର (ଭିଓଭି) :** ରଣପୁର ବ୍ଲକ ବନ୍ଧମୁଣ୍ଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜଗତିମଡା ଏକ ଅବହେଳିତ ଗାଆଁ । ସ୍ୱାଧୀନତାର ଅନେକ ବର୍ଷ ବିତି ଯାଇଥିଲେ ମଧ ଏହି ଗ୍ରାମର ଅଧିବାସୀ ମାନେ ସମ୍ପୂର୍ଣ୍ଣ ଭାବରେ ସରକାରୀ ସହାୟତା ପାଇବା ପାଇଁ ଅଯୋଗ୍ୟ । ଗମନାଗମନ ପାଇଁ ଗାଁକୁ ରାସ୍ତା, ପାନୀୟ ଜଳ, ଶିକ୍ଷା ସହିତ ସ୍ୱାସ୍ଥ୍ୟ ସେବା ଯୋଗାଇବା ସରକାରଙ୍କ ପ୍ରାଥମିକତା ହୋଇଥିଲେ ମଧ ଏଠାରେ ପ୍ରଶାସନିକ ଅବହେଳା ଓ ରାଜନୈତିକ ନେତୃବୃନ୍ଦ ମାନଙ୍କ ଅଣଦେଖା ପାଇଁ ଗାଆଁ କୁ ଏକ ଭଲ ନିୟମିତ ରାସ୍ତା ନିର୍ମାଣ ହୋଇ ପାରୁନାହିଁ । ଗ୍ରାମର ଅନେକ ପରିବାର ସରକାରଙ୍କ ଆବାସ ଯୋଜନା ପାଇବାରୁ ମଧ ବଞ୍ଚିତ । ଅଭିଯୋଗ କଲେ ମଧ ସରକାରୀ ଅଧିକାରୀ ମାନେ କହୁଛନ୍ତି ଜଙ୍ଗଲ ଜମି ଅନ୍ତର୍ଗତ ହୋଇଥିବାରୁ ସେଠାରେ ଆମେ କୌଣସି ସରକାରୀ ଯୋଜନା ଅର୍ଥ ବିନିଯୋଗ କରି ପାରୁନାହୁଁ । ପୂର୍ବତନ ବିଧାୟକ ରବି ନାରାୟଣ ମହାପାତ୍ର ଯଶୋଦାପୁର ଠାରୁ ଆରମ୍ଭ କରି ଆଗକୁ ଥିବା ଏହିପରି ୨୨ଟି ଜଙ୍ଗଲ ଜମିରେ ଯାଇଥିବା



ରାସ୍ତା ପାଇଁ ନିୟମିତ ରାସ୍ତା ନିର୍ମାଣ ପାଇଁ ସରକାରଙ୍କ ପାଖରେ ପ୍ରସ୍ତାବ ରଖିଥିଲେ ମଧ ଆଜି ପର୍ଯ୍ୟନ୍ତ ମାତ୍ର ଗୋଟିଏ ଗ୍ରାମ ପାଇଁ ରାସ୍ତାର କାମ ହୋଇ ପାରିଛି । ଗ୍ରାମବାସୀଙ୍କ ପାଇଁ ଗୋଟିଏ ନଳକୂପ ର ବ୍ୟବସ୍ଥା ଥିଲେ ମଧ ତାହା ଅଚଳ ହୋଇ ପଡିଛି । ଗୋପାଳପୁର ଜିଲ୍ଲା ପରିଷଦ ଜୋନ୍ ଅନ୍ତର୍ଗତ ଏହି ଗ୍ରାମଟି ପାଇଁ ଜିଲ୍ଲା ପରିଷଦ ସଦସ୍ୟ ଓ ମାନ୍ୟବର ବିଧାୟିକା ତଥା ବାଚସ୍ପତି ସୁରମା ପାଢ଼ୀ ସହଯୋଗ କରିବେ ବୋଲି ଗ୍ରାମବାସୀ ମାନେ ଦୃଢ଼ ଭରଷା ରଖିଛନ୍ତି ।

## ସଂ ପା ଦ କୀ ୟ

# ଲୁଚିକି ଖାଉ ମାଣ୍ଡିଆ ଜାଉ

ଖାଦ୍ୟ ଓ ସୁଷମ ଖାଦ୍ୟକୁ ନେଇ ବର୍ତ୍ତମାନ ଅନେକ ଆଲୋଚନା ସହିତ ଉପଦେଶ ମଧ୍ୟ ଶୁଣିବାକୁ ମିଳୁଛି। ଏଇଟା ଖାଇବ, ସେଇଟା ଖାଇବ ନାହିଁ; କୋଉଟା ସକାଳେ, କୋଉଟା ସନ୍ଧ୍ୟାରେ, କୋଉଟା ରାତିରେ; କୋଉ ଖାଦ୍ୟ ପୂର୍ବରୁ କ'ଣ ଖାଇବା, କ'ଣ ନ ଖାଇବା; ଖାଇ ସାରିବା ପରେ କ'ଣ ଖାଇବା, କ'ଣ ନ ଖାଇବା, ଏମିତି ଅନେକ ଉପଦେଶ ଶୁଣିବାକୁ ମିଳେ। ବେଳେବେଳେ ଏସବୁ ଶୁଣି ଭ୍ରମିତ ମଧ୍ୟ ଲାଗେ। କେଉଁ ରୋଗ ପ୍ରତିରୋଧ ପାଇଁ ହେଉ କି ରୋଗର ଉପଚାର ସ୍ୱରୂପ, ଅନେକ ଖାଦ୍ୟର ସାରଣୀ ମଧ୍ୟ ଗଣମାଧ୍ୟମରେ ଦେଖିବାକୁ ମିଳେ। ଯୁଗ ବଦଳିବା ସହିତ ଟେକ୍ନୋଲୋଜିର ଉନ୍ନତି ହୋଇଛି ଏବଂ ଆମେ ମଧ୍ୟ ସେହି ଅନୁସାରେ ନିଜକୁ ଯୋଗ୍ୟ ବା 'ଫିଟ୍' ରଖିବା ପାଇଁ ନିରନ୍ତର ପ୍ରୟାସ କରିଚାଲିଛୁ।

୮୦ରୁ ୯୦ ଦଶକ ପର୍ଯ୍ୟନ୍ତ ବଜାରରୁ ପରିବା କହିଲେ ଆମେ ପ୍ରାୟତଃ ଆଳୁ, ପିଆଜ, ଅଦା ଓ ରସୁଣ କିଣି ଆଣୁଥିଲୁ। ଅନ୍ୟାନ୍ୟ ପରିବା ଯଥା, ଜହ୍ନି, ଭେଣ୍ଡି, କଲରା, ଛଚିନ୍ଦ୍ରା, ପୋଟଳ, ଝୁଡୁଙ୍ଗ, ଅମୃତଭଣ୍ଡା, ସଜନା ଶାଗ ଓ ଛୁଇଁ; ଖରାଦିନେ ଖଡ଼ା, କୋଶଳା ଶାଗ ଏବଂ ବାଡ଼ିବଗିଚାରେ ମନକୁମନ ଉଠୁଥିବା ମଦରଙ୍ଗା, କାନିଶିରି, ସୁନୁସୁନିଆ, ପିତାଶାଗ ଭଳି ଅନେକ ପ୍ରକାରର ବିନା କୀଟନାଶକ ଦିଆ ଦେଶୀ ଖାଦ୍ୟ ଆମେ ଖାଉଥିଲୁ। କେବଳ ଶୀତଦିନେ ମିଳୁଥିବା ଦେଶୀ ଟମାଟୋ ଓ ଫୁଲକୋବି କେହି କେହି କିଣି ଖାଉଥିଲେ। ସକାଳ ଜଳଖିଆରେ ନିଶ୍ଚିତ ଭାବରେ ମୁଢ଼ି, ଚୁଡ଼ା ଚକଟା, ଛତୁଆ ଆଦି ହେଉଥିଲା। ଘରକୁ କୁଣିଆ ଆସିଲେ କଦବା କ୍ୱଚିତ୍? ପକୁଡ଼ି, ବରା, ଚକୁଳି କିମ୍ବା ଉପମା ହୋଇଥାଏ। ନଚେତ୍? କୁଣିଆ ମଧ୍ୟ ଚୁଡ଼ା କିମ୍ବା ଛତୁଆ ଖାଇଥାନ୍ତି। ଆମେ ସାଧା ଚୁଡ଼ା ଚକଟା ଖାଉଥିବା ବେଳେ କୁଣିଆଙ୍କୁ ଚୁଡ଼ାରେ ନଡ଼ିଆ କୋରା, ପାଚିଲା କଦଳୀ କିମ୍ବା ପସନ୍ଦ ଅନୁସାରେ ଦହି-ଚିନି ପରଷା ଯାଇଥାଏ। ଗାଁ ଗହଳିରେ ସେତେବେଳେ ଟିକିଏ ଅଭାବୀ ପରିବାରର ସକାଳ ଜଳଖିଆରେ ମାଣ୍ଡିଆ ଜାଉ ଖାଇବା ଏକ ସାଧାରଣ କଥା ଥିଲା। ମାଣ୍ଡିଆକୁ ସେତେବେଳେ ଗରିବ ଲୋକଙ୍କ ଥାଳିରେ ହିଁ ଦେଖିବାକୁ ମିଳୁଥିଲା। ଆମ ବୁଢ଼ୀମାଆ ବେଳେବେଳେ ରାତିରୁ ମାଣ୍ଡିଆ ଜାଉ ପ୍ରସ୍ତୁତ କରି ରଖୁଥିଲା। ସକାଳୁ ସେହି ଥଣ୍ଡା ଜାଉରେ ଦହି କିମ୍ବା ଗୁଡ଼ ମିଶାଇ ଆମକୁ ଜବରଦସ୍ତି କରି ଖୁଆଇ ଦେଇ କହୁଥିଲା, "ଖାଇଲେ ପେଟ ଥଣ୍ଡା ହେବ, ରୋଗ ହେବନି।" ଆହୁରି ମଧ୍ୟ କହୁଥିଲା, "ବାହାରେ କିଏ ପଚାରିଲେ ମାଣ୍ଡିଆ ଜାଉ ଖାଇଛ ବୋଲି କହିବୁ ନାହିଁ।" ଆମେ ବୁଢ଼ୀମାଆଙ୍କ କଥା ମାନି ବାହାରେ କହୁନଥିଲୁ ମଧ୍ୟ। ମୋଟାମୋଟି ଭାବେ କହିଲେ, ମାଣ୍ଡିଆ ଜାଉ ସେତେବେଳେ ଗରିବ ଲୋକଙ୍କ ଖାଦ୍ୟ ଭାବେ ପରିଗଣିତ ହେଉଥିଲା। ଯିଏ ମାଣ୍ଡିଆ ଖାଉଥିଲା, ତାକୁ ଲୋକେ ଛୋଟ ଚକ୍ଷୁରେ ଦେଖୁଥିଲେ।

୧୯୯୦ ମସିହାର କଥା। ମୁଁ ଭୁବନେଶ୍ୱର ଗଙ୍ଗନଗରରେ ରହୁଥିବା ମୋର ବନ୍ଧୁ ବୁଲୁଙ୍କ ଘରକୁ ଯାଇଥାଏ। ବୁଲୁଙ୍କ ବାପା ସ୍ୱର୍ଗତ ବିରଞ୍ଚି ନାରାୟଣ ସାମନ୍ତରାୟ। ମଉସା ସେତେବେଳେ ଆୟକର ବିଭାଗର ସୁପରିଟେଣ୍ଡେଣ୍ଟ ଭାବେ କାର୍ଯ୍ୟରତ ଥାଆନ୍ତି। ମନରେ ଟିକିଏ ବି ଗର୍ବ କି ଅହଙ୍କାର ନଥିଲା। କେନ୍ଦ୍ର ସରକାରଙ୍କ ଜଣେ ବଡ଼ ଅଫିସର ହୋଇ ମଧ୍ୟ ସେତେବେଳେ ସେ ଗଙ୍ଗନଗର ଘରୁ ନିଜ ସାଇକେଲରେ ବାଣୀବିହାର ନିକଟସ୍ଥ ନିଜ କାର୍ଯ୍ୟାଳୟକୁ ଯିବାଆସିବା କରୁଥିଲେ। ଘରେ ମଉସା, ମାଉସୀ ଓ ପୁଅଝିଅ ମିଶି ସାତଜଣ। ଗାଁରୁ ଆସି ସହରରେ ରହୁଥିବାରୁ ଘରେ ସର୍ବଦା ମୋ ଭଳି ଅନେକ ଅତିଥି। ଯାହାର କିଛି କାମ ପଡ଼ିଲା, ସେମାନେ ତାଙ୍କ ଘରେ ଯାଇ ରାତ୍ରିଯାପନ କରୁଥିଲେ। ଘର ଗହଳି ହେଲେ ମଉସା-ମାଉସୀଙ୍କ ମନ ଖୁସି ହୋଇଯାଉଥିଲା। ଦିନେ ତାଙ୍କ ଘରକୁ ଯାଇ ରାତ୍ରିଯାପନ କରିଥିଲି। ସକାଳୁ ଉଠିବା ବେଳକୁ ମଉସା ଅଫିସ ଯିବା ପାଇଁ ପ୍ରସ୍ତୁତ ହୋଇସାରିଥିଲେ। ମୋ ସହ ବେଶ୍? କିଛି ସମୟ ଦୁଃଖସୁଖ ହେଲେ। ସେତେବେଳେ ମାଉସୀ ତାଙ୍କୁ ବୋଧହୁଏ ଜଳଖିଆ ଖାଇବା ପାଇଁ ଡାକିଲେ। ବାରଣ୍ଡାରେ ବସି ମୋ ସହ କଥା ହେଉଥିବା ମଉସା କଥାବାର୍ତ୍ତାକୁ ଅଧାରେ ରଖି ଘର ଭିତରକୁ ଚାଲିଗଲେ। ମୋ ସାମ୍ନାରେ କାହିଁକି ଖାଇଲେ ନାହିଁ? କଥାବାର୍ତ୍ତାକୁ ଅଧାରେ ରଖି ଘର ଭିତରକୁ କାହିଁକି ଚାଲିଗଲେ? ଏହି ପ୍ରଶ୍ନ ମୋ ମନକୁ ଆନ୍ଦୋଳିତ କଲା। ବାଧ୍ୟ ହୋଇ ସାଙ୍ଗ ବୁଲୁକୁ ପଚାରିଲି। ବୁଲୁ ହସିହସି କହିଲା, "ଆରେ, ବାପା ସକାଳୁ ମାଣ୍ଡିଆ ଜାଉ ଖାଉଛନ୍ତି ତ! ସେଥିପାଇଁ ତୋ ସାମ୍ନାରେ ନ ଖାଇ ଘର ଭିତରକୁ ଯାଇ ଲୁଚିକି ଖାଉ ଦେଲେ। କାଳେ ତୁ କ'ଣ ଭାବିବୁ, ସେଥିପାଇଁ।" ମୁଁ ଚୁପ୍ ହୋଇଗଲି। ମାଣ୍ଡିଆ ଜାଉ ଖାଇ ବାହାରେ ନ କହିବା କଥା ଗାଁରେ ବୁଢ଼ୀମାଆ ଯେମିତି ଆମକୁ ଶିଖାଇଥିଲା, ସହରରେ ମଉସା ବି ବୋଧହୁଏ ସେମିତି ତାଙ୍କ ମାଆଙ୍କ ଉପଦେଶ ପାଳନ କରୁଥିଲେ। ମଉସା ୨୦୦୨ ମସିହାରୁ ସ୍ୱର୍ଗବାସ କରିସାରିଲେଣି। ଆଜି ଯଦି ସେ ବଞ୍ଚିଥାନ୍ତେ, ତେବେ ବୋଧହୁଏ ସକାଳୁ ମାଣ୍ଡିଆ ଜାଉ ଖାଇବା ପାଇଁ ତାଙ୍କୁ ଆଉ ଘର ଭିତରକୁ ଲୁଚିକି ଯିବାକୁ ପଡ଼ିନଥାନ୍ତା। କାରଣ, ସମୟ ବଦଳିଯାଇଛି। ମାଣ୍ଡିଆ ଆଉ ଗରିବଙ୍କ ଖାଦ୍ୟ ନୁହେଁ। ଆଜି ଏହା 'ହେଲ୍?ଦି ଫୁଡ୍?' ଭାବେ ଧନୀ ଓ ସହରୀ ଲୋକଙ୍କ ଥାଳିରେ ମଧ୍ୟ ସମ୍ମାନର ସହିତ ସ୍ଥାନ ପାଇଛି। ତତ୍କାଳୀନ ସରକାର ୨୦୨୨ ମସିହାରୁ ମାଣ୍ଡିଆ ଚାଷ ଉପରେ ଗୁରୁତ୍ୱ ଦେଇ ପ୍ରଥମ ରାଜ୍ୟ ଭାବେ ନଭେମ୍ବର ୧୦ ତାରିଖକୁ ମାଣ୍ଡିଆ ଦିବସ ବା 'ମିଲେଟ୍? ଡେ' ଭାବେ ପାଳନ ଆରମ୍ଭ କରିସାରିଛନ୍ତି। ମାଣ୍ଡିଆ ଚାଷକୁ ପ୍ରୋତ୍ସାହନ ଦେବା ସହିତ ମାଣ୍ଡିଆ ଆଉ କେବଳ ଜାଉ ଭିତରେ ସୀମିତ ନାହିଁ। ମାଣ୍ଡିଆ ବିସ୍କୁଟ, ମାଣ୍ଡିଆ କାକରା, ମାଣ୍ଡିଆ ଚା' ଭଳି ଅନେକ ଖାଦ୍ୟ ଏବେ ବଜାରରେ ଉପଲବ୍ଧ। ତେବେ ଦୁଃଖ ଓ ପରିତାପର ବିଷୟ, ମାଣ୍ଡିଆ ଚାଷକୁ ସରକାର ଯେତିକି ପ୍ରୋତ୍ସାହନ ଦେଉଛନ୍ତି, ଚାଷୀଙ୍କ ପାଇଁ ଏହାର ପରିଚାଳନା, ବଜାର ସୁବିଧା ଓ ଉତ୍ପାଦିତ ମାଣ୍ଡିଆର ଉଚିତ ମୂଲ୍ୟ ନିର୍ଦ୍ଧାରଣ ଆଦିକୁ ସେତିକି ନିଷ୍ଠାର ସହ ଦେଖାଯାଉନାହିଁ ବୋଲି ଚାଷୀମାନେ ଅଭିଯୋଗ କରୁଛନ୍ତି। ସମୟର ଚକ ଘୂରିଛି। ଦିନେ ଯେଉଁ ମାଣ୍ଡିଆ ଜାଉକୁ ଗରିବଙ୍କ ଖାଦ୍ୟ ବୋଲି ଲୋକେ ନାକ ଟେକୁଥିଲେ, ଆଜି ସେହି ମାଣ୍ଡିଆକୁ ସୁଷମ ଓ ସ୍ୱାସ୍ଥ୍ୟକର ଖାଦ୍ୟ ବୋଲି ଗର୍ବର ସହ ଖାଉଛନ୍ତି। ଦିନେ ଯାହାକୁ ଲୁଚାଇ ଖାଇବାକୁ ପଡୁଥିଲା, ଆଜି ତାହାକୁ ଦେଖେଇକି ଖାଇବାର ସମୟ ଆସିଛି। ତେଣୁ ଆସନ୍ତୁ, ଏହି ସୁଷମ ଖାଦ୍ୟ, ମାଣ୍ଡିଆ ଜାଉକୁ ଆଉ ଲୁଚିକି ନୁହେଁ, ଦେଖେଇକି ଖାଇବା। ସୁସ୍ଥ ରହିବା, ପରମ୍ପରାକୁ ସମ୍ମାନ ଦେବା ଏବଂ ଆମ ଚାଷୀଙ୍କୁ ପ୍ରୋତ୍ସାହନ ଦେବା। ଆଉ ଗର୍ବର ସହ କହିବା, ହଁ, ମୁଁ ମାଣ୍ଡିଆ ଜାଉ ଖାଉଛି।

# ମୁଁ ନାରୀ : ମୁଁ ଶକ୍ତି, ମୁଁ ସୃଷ୍ଟି, ମୁଁ ସମ୍ପୂର୍ଣ୍ଣ ଦୁନିଆ



ସ୍ନେହା ଦାଶ ତ୍ରିପାଠୀ

ମୁଁ ନାରୀ। ମୁଁ ଶକ୍ତି। ମୁଁ କେବଳ ଜଣେ ସ୍ତ୍ରୀ, ମାଆ କିମ୍ବା ଝିଅ ନୁହେଁ, ମୁଁ ଗୋଟିଏ ପୂରା ଦୁନିଆ। ମୋ ଭିତରେ ଅଛି ସହିବାର ଶକ୍ତି, ଭଲପାଇବାର ଶକ୍ତି, କ୍ଷମା କରିବାର ଶକ୍ତି ଏବଂ ହାରିଯାଇ ପୁଣି ନୂଆ କରି ଠିଆ ହେବାର ଅଦମ୍ୟ ସାହସ। ମୁଁ ଭାଙ୍ଗିଯାଏ, କିନ୍ତୁ ଭାଙ୍ଗି ପଡ଼େ ନାହିଁ। ମୁଁ କାନ୍ଦେ, କିନ୍ତୁ ଲୁହକୁ ଦୁର୍ବଳତା ହେବାକୁ ଦିଏ ନାହିଁ। ସକାଳର ପ୍ରଥମ କିରଣଠାରୁ ରାତିର ଶେଷ ପ୍ରହର ପର୍ଯ୍ୟନ୍ତ ମୁଁ ଦୌଡୁଛି, ପରିବାର ପାଇଁ, ସ୍ୱାମୀ ପାଇଁ, ପିଲାମାନଙ୍କ ପାଇଁ, ବୃଦ୍ଧ ବାପା-ମାଆଙ୍କ ପାଇଁ। କାହାର ଭୋକ, କାହାର ଦୁଃଖ, କାହାର ଅସୁବିଧା, ସବୁକିଛି ମୋ ମନେ ପଡ଼େ। ସମସ୍ତଙ୍କୁ ସମ୍ଭାଳୁ ସମ୍ଭାଳୁ ବହୁବାର ମୁଁ ନିଜକୁ ହିଁ ଭୁଲିଯାଏ। ମୋ ମନ କାନ୍ଦେ, କିନ୍ତୁ ମୁଁ ହସେ। କାରଣ ମୁଁ ଜାଣେ, ମୋ ହସରେ ହିଁ ମୋ ପରିବାରର ହସ ଲୁଚିଛି। ଲୋକେ କୁହନ୍ତି, ନାରୀ ଦୁର୍ବଳ। କିନ୍ତୁ ସେମାନେ ଜାଣନ୍ତି ନାହିଁ, ଗୋଟିଏ ନାରୀ ଯେତେ କଷ୍ଟ ସହିପାରେ, ସେତେ କଷ୍ଟ ସହିବା ପାଇଁ ହୃଦୟରେ କେତେ ବଡ଼ ସାହସ ଦରକାର। ତା' ଛାତିରେ କୋହ ଥାଏ, ଆଖିରେ ସ୍ୱପ୍ନ ଥାଏ, ମନରେ ଅସୀମ ଧୈର୍ଯ୍ୟ ଥାଏ। ତା' ଓଠରେ ହସ ଥାଏ, ଯଦିଓ ହୃଦୟର ଗଭୀରତାରେ ଅନେକ ଅକୁହା କାହାଣୀ ଲୁଚିଥାଏ।

ମୁଁ ନାରୀ। ମୁଁ ଭାଙ୍ଗେ ନାହିଁ, ମୁଁ ଗଢ଼େ। ମୁଁ ହାରେ ନାହିଁ, ମୁଁ ଶିଖେ। ମୁଁ ଥକିଯାଏ, କିନ୍ତୁ ରୁହେ ନାହିଁ। ମୁଁ ଶେଷ ନୁହେଁ, ମୁଁ ଏକ ନୂଆ ଆରମ୍ଭ।

ଜଣେ ସ୍ତ୍ରୀ ତା' ସ୍ୱାମୀ ପାଇଁ କେବଳ ସୁଖର ସାଥୀ ନୁହେଁ; ସେ ଦୁଃଖରେ ଛାଇ ପରି ପାଖରେ ଠିଆ ହେଉଥିବା ଜୀବନସାଥୀ। ସ୍ୱାମୀର ସଫଳତାରେ ସେ ଖୁସି ହୁଏ, ତା' ବିଫଳତାରେ ତାକୁ ସାହସ ଦିଏ। ନିଜ ଆଶାକୁ ପଛରେ ରଖି ସ୍ୱାମୀର ସ୍ୱପ୍ନକୁ ଆଗକୁ ନେବା ପାଇଁ ସେ ଅନେକ ତ୍ୟାଗ କରେ। ସେ ସ୍ୱାମୀ ପାଇଁ ସାବିତ୍ରୀ, ପରିବାର ପାଇଁ ଯୋଦ୍ଧା ଏବଂ ସନ୍ତାନ ପାଇଁ ଜୀବନର ପ୍ରଥମ ଗୁରୁ। ତା' ଅଭିମାନ ଥାଏ, କିନ୍ତୁ ଅଭିଯୋଗ କମ୍। ତା' ଆଖିରେ ଲୁହ ଥାଏ, କିନ୍ତୁ ସେ ଅନ୍ୟମାନଙ୍କ ସାମ୍ନାରେ ହସିବା ଶିଖିଥାଏ। ବେଳେବେଳେ ସେ ଈଶ୍ୱରଙ୍କୁ ମଧ୍ୟ କହିଥାଏ, "ହେ ଭଗବାନ, ସମସ୍ତଙ୍କ କଷ୍ଟ ମୋତେ ଦିଅ, କିନ୍ତୁ ମୋ ପରିବାରକୁ ସୁଖରେ ରଖ।" ସକାଳୁ ରାତି ଯାଏଁ ସେ ସମସ୍ତଙ୍କ ମନ ବୁଝେ। କିଏ କ'ଣ ଚାହେଁ, କିଏ କ'ଣରେ ଖୁସି, କିଏ କ'ଣରେ ଦୁଃଖୀ, ସେ ସବୁ ଜାଣେ। କିନ୍ତୁ ଶେଷରେ ନିଜ ଲୁହକୁ ତକିଆ ତଳେ ଲୁଚାଇ ନିରବରେ ଶୋଇପଡ଼େ। ତା' କଷ୍ଟ କିଏ ଦେଖେ? ତା' ତ୍ୟାଗ କିଏ ଗଣେ? ତା' ଅକୁହା ଲୁହର ମୂଲ୍ୟ କିଏ ବୁଝେ? ବୋଧେ କେହି ନୁହେଁ। କିନ୍ତୁ ନାରୀ ଏଥିପାଇଁ ଥମିଯାଏ ନାହିଁ। ମୁଁ ବୈଶାଖର ଟାଣ ଖରା ସହିପାରେ, ଶ୍ରାବଣର ଅବିରତ ବର୍ଷାରେ ଭିଜିପାରେ, ମାଘର ହାଡ଼ଭଙ୍ଗା ଶୀତକୁ ମଧ୍ୟ ସହିପାରେ। କାରଣ ମୋ ଭିତରେ ପ୍ରକୃତି ପରି ଏକ ଅସୀମ ସହନଶକ୍ତି ଅଛି। ମୁଁ ଘରର ଚାରିକାନ୍ଥ ମଧ୍ୟରେ ସୀମିତ ନୁହେଁ। ମୁଁ ଚାହିଁଲେ ଆକାଶକୁ ଛୁଇଁପାରେ। ମୁଁ ଚାହିଁଲେ ପାହାଡ଼ ଚଢ଼ିପାରେ, ସମୁଦ୍ର ପାର ହୋଇପାରେ, ନିଜ ପରିଚୟ ନିଜେ ଗଢ଼ିପାରେ। ମୋତେ କେବଳ କାହାର ଝିଅ, କାହାର ସ୍ତ୍ରୀ କିମ୍ବା କାହାର ମାଆ ବୋଲି ପରିଚୟ ଦିଅନାହିଁ। ମୋର ନିଜର ମଧ୍ୟ ଏକ ପରିଚୟ ଅଛି, ଏକ ସ୍ୱପ୍ନ ଅଛି, ଏକ ଆକାଶ ଅଛି। ମୁଁ ମୋ ସନ୍ତାନକୁ କେବଳ ରାଜା କରିବାକୁ ଚାହେଁନି; ମୁଁ ତାକୁ ପ୍ରଥମେ ଜଣେ ଭଲ ମଣିଷ କରିବାକୁ ଚାହେଁ। ତାକୁ ଶିଖାଇବାକୁ ଚାହେଁ, ମଣିଷର ମୂଲ୍ୟ ତା'ର ଧନ, ପଦ କିମ୍ବା ପ୍ରତିଷ୍ଠାରେ ନୁହେଁ; ତା'ର ଚରିତ୍ର, ମାନବିକତା ଓ ବ୍ୟବହାରରେ। ନାରୀ କେବଳ ଜନ୍ମ ଦିଏ ନାହିଁ, ସେ ଭବିଷ୍ୟତ ଗଢ଼େ। ସେ କେବଳ ଘର ସମ୍ଭାଳେ ନାହିଁ, ସେ ପରିବାରକୁ ଏକାଠି ରଖେ। ସେ କେବଳ ଭଲପାଏ ନାହିଁ, ସେ ନିଜକୁ ଉତ୍ସର୍ଗ କରେ। ସୀତାଙ୍କ ପରି ଧୈର୍ଯ୍ୟ, ଦୁର୍ଗାଙ୍କ ପରି ଶକ୍ତି, ସାବିତ୍ରୀଙ୍କ ପରି ନିଷ୍ଠା ଓ ମାଆଙ୍କ ପରି ଅସୀମ ମମତା, ଏସବୁ ନାରୀର ଅନ୍ତରରେ ଲୁଚିଥିବା ଶକ୍ତିର ରୂପ। ତେଣୁ ହେ ସମାଜ, ନାରୀକୁ ଦୁର୍ବଳ ବୋଲି କୁହନାହିଁ। ତା'ର ନୀରବତାକୁ ଦୁର୍ବଳତା ଭାବନାହିଁ। କାରଣ ନୀରବ ନାରୀର ଧୈର୍ଯ୍ୟ ଯେତେବେଳେ ସୀମା ଅତିକ୍ରମ କରେ, ସେହି ନାରୀ ହିଁ ଦୁର୍ଗା ହୋଇଯାଏ। ଯେ ନାରୀ ଆଜି ହାରିଛି, ସେ କାଲି ଜିତିବ। ଯେ ଆଜି ଲୁହ ଝରାଉଛି, ସେ କାଲି ନିଜ ଲୁହକୁ ହସରେ ପରିଣତ କରିବ। କାରଣ ନାରୀ ହାର ମାନିବା ଶିଖିନି, ସେ ପଡ଼ିଯାଇ ପୁଣି ଉଠିବା ଶିଖିଛି।

ମୁଁ ନାରୀ। ମୁଁ ମମତା। ମୁଁ ତ୍ୟାଗ। ମୁଁ ସାହସ। ମୁଁ ସୃଷ୍ଟି। ମୁଁ ସଂଘର୍ଷ। ମୁଁ ଶକ୍ତି। ମୁଁ ଆଲୋକ।

ମୋତେ ସମ୍ମାନ ଦିଅ, ଦୟା ନୁହେଁ। ମୋତେ ସୁଯୋଗ ଦିଅ, ସୀମା ନୁହେଁ। ମୋ ସ୍ୱପ୍ନକୁ ବୁଝ, ତାକୁ ଭାଙ୍ଗିଦିଅ ନାହିଁ। କାରଣ ଜଣେ ନାରୀକୁ ଯେତେବେଳେ ସମ୍ମାନ, ସ୍ୱାଧୀନତା ଓ ସୁଯୋଗ ମିଳେ, ସେ କେବଳ ନିଜ ଜୀବନ ବଦଳାଏ ନାହିଁ, ସେ ଗୋଟିଏ ପରିବାର ବଦଳାଏ, ଗୋଟିଏ ପିଢ଼ି ବଦଳାଏ, ଶେଷରେ ସମାଜର ଚିତ୍ର ବଦଳାଇଦିଏ।

ମୁଁ ନାରୀ। ମୁଁ ଭାଙ୍ଗିବି ନାହିଁ, ମୁଁ ଗଢ଼ିବି। ମୁଁ ଥମିବି ନାହିଁ, ମୁଁ ଚାଲିବି। ମୁଁ ହାରିବି ନାହିଁ, ମୁଁ ଲଢ଼ିବି।

କାରଣ ମୁଁ କେବଳ ଜଣେ ନାରୀ ନୁହେଁ, ମୁଁ ଏକ ସମ୍ପୂର୍ଣ୍ଣ ଦୁନିଆ।

*ରାମଚନ୍ଦ୍ରପୁର, ରଣପୁର, ନୟାଗଡ଼।*
*ମୋବାଇଲ : ୯୮୨୭୯୫୦୦୬୬*

**ଆପଣଙ୍କ ଅଭିଯୋଗ, ସମସ୍ୟା ଓ ମତାମତକୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଲେଖା ମଧ୍ୟ ପଠାଇ**

ମୋବାଇଲ (ହ୍ୱାଟସ୍ଆପ୍) : ୯୦୯୦୨୨୫୩୫୩
ଇମେଲ: voiceofvictimsnews@gmail.com
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ରାଜ-ରଣପୁର : କିଛି ଅନାବୃତ କଥା (୧୨)



ଚିତ୍ତରଂଜନ ଲାଲ୍ (ମୁନା)

## ରଙ୍କଭାଇ-ଜଣେ ଦୁର୍ଲଭ ମନୁଷ୍ୟ, ଅସାଧାରଣ ଗୁଣର ଅଧିକାରୀ

ରଙ୍କଭାଇ ଜଣେ ଦୁର୍ଲଭ ମନୁଷ୍ୟ, ଜଣେ ସାଧାରଣ ମଣିଷଙ୍କ ମଧ୍ୟରେ ଥିବା ଅସାଧାରଣ ଗୁଣର ଅଧିକାରୀ। ୧୯୪୬ ମସିହାଠାରୁ ୨୦୦୮ ମସିହା ପର୍ଯ୍ୟନ୍ତ ତାଙ୍କର ଜୀବନକାଳ ରାଜ-ରଣପୁର ସହର ଏବଂ ନିକଟସ୍ଥ ଅଞ୍ଚଳ ସହିତ ଅତୁଟ ଭାବରେ ଜଡ଼ିତ ଥିଲା। ସେ ସମସ୍ତଙ୍କର ପ୍ରିୟ 'ରଙ୍କଭାଇ' ଭାବରେ ପରିଚିତ ଥିଲେ।

'ବସୁଧୈବ କୁଟୁମ୍ବକମ୍'ରେ ସେ ଗଭୀର ବିଶ୍ୱାସ ରଖୁଥିଲେ। ସମସ୍ତଙ୍କୁ ଭଲ ପାଇବା, ସମସ୍ତଙ୍କୁ ସାହାଯ୍ୟ କରିବା, ସମସ୍ତଙ୍କର ମଙ୍ଗଳ ଚିନ୍ତା କରିବା ଏବଂ ନୂଆ ପିଢ଼ିକୁ ଉଚିତ ଦିଗଦର୍ଶନ ଦେବା—ଏହା ହିଁ ଥିଲା ତାଙ୍କର ଜୀବନର ମହାନ ଆଦର୍ଶ।

ରଙ୍କଭାଇ ୧୯୨୪ ମସିହାରେ ରାଜ-ରଣପୁରର ଗଡ଼ ପାଟରା ସାହିର ଏକ କୃଷକ ପରିବାରରେ ପିତା କ୍ଷେତ୍ର ଖମାରୀ ଓ ମାତା ଉଜ୍ଜ୍ୱଳ ଖମାରୀଙ୍କ ଔରସରୁ ଜନ୍ମଗ୍ରହଣ କରିଥିଲେ। ତାଙ୍କର ସାନଭାଇଙ୍କ ନାମ ବିଶ୍ୱନାଥ ଖମାରୀ ଏବଂ ଭଉଣୀଙ୍କ ନାମ ସାବିତ୍ରୀ ଖମାରୀ। ପରିବାରର ଆବଶ୍ୟକତା ଦୃଷ୍ଟିରୁ ଅଳ୍ପ ବୟସରେ ସେ ରାଜ-ରଣପୁର ପ୍ରେସ କେନ୍ଦ୍ରରେ ଥିବା ନରେନ୍ଦ୍ର ପ୍ରେସରେ ୧୯୪୨-୧୯୪୬ ମସିହା ପର୍ଯ୍ୟନ୍ତ ବାଇଣ୍ଡର ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ।

ପରେ, ୧୯୪୬ ମସିହାରେ ବଜେନ୍ଦ୍ର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ସେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବରେ ଯୋଗଦେଇଥିଲେ। ସେତେବେଳର ପ୍ରାରମ୍ଭିକ ଶିକ୍ଷା ବ୍ୟବସ୍ଥା 'ଚାଟଶାଳୀ' ବା 'ଚାହାଳୀ'ରେ ସେ ଶିକ୍ଷାଲାଭ କରିଥିଲେ।

ତ୍ୟାଗର ଅତି ଉଚ୍ଚ ସୋପାନକୁ ସେ ଛୁଇଁ ଯାଇଥିଲେ। ଛାତ୍ରମାନେ କିପରି ଜଣେ ଭଲ ମଣିଷ ହେବେ, ସେଥିପାଇଁ ସେ ଅହରହ ଉଦ୍ୟମ କରୁଥିଲେ। ବଜେନ୍ଦ୍ର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଏବଂ କୃଷ୍ଣ-ଭାଗୀରଥୀ ଛାତ୍ର ନିବାସରେ ସେ ପ୍ରାୟ ସବୁବେଳେ ରହୁଥିଲେ। ଆଜିର ଆଧୁନିକ ଯୁଗରେ କର୍ମଚାରୀମାନେ ଅଧିକ ସମୟ କାମ କରିବା ପାଇଁ ଓଭରଡ୍ୟୁଟି ଆଲାଉନ୍ସ ପାଉଛନ୍ତି। କିନ୍ତୁ ରଙ୍କଭାଇଙ୍କ ପାଇଁ ଏସବୁର କୌଣସି ମୂଲ୍ୟ ନଥିଲା। ସେ ଘରକୁ କେବଳ ଖାଇବା ପାଇଁ ଯାଉଥିଲେ, ଆଉ ବାକି ସମୟ ଛାତ୍ରମାନଙ୍କ ପାଠପଢ଼ା ଏବଂ ବିଦ୍ୟାଳୟର ବିଜ୍ଞାନ ପରୀକ୍ଷାଗାରର ଉନ୍ନତିକରଣ ପାଇଁ ନିଜକୁ ଉତ୍ସର୍ଗ କରିଥିଲେ।

ମେଟ୍ରିକ୍ ପରୀକ୍ଷା ପାଇଁ ଯେତେବେଳେ ଛାତ୍ରମାନେ ଅନ୍ୟତ୍ର ଯାଇ ରହୁଥିଲେ, ରଙ୍କଭାଇ ମଧ୍ୟ ସେମାନଙ୍କ ସହିତ ସେହି ଦିନଗୁଡ଼ିକ ରହୁଥିଲେ। ହଷ୍ଟେଲରେ ପିଲାମାନଙ୍କୁ ଭୋର ସମୟରୁ ଉଠାଇ ପାହାନ୍ତିଆ ପଢ଼ାରେ ନିୟମିତ ଭାବେ ଜଗି ବସୁଥିଲେ। ତାଙ୍କ ସମୟର ଅନେକ ଛାତ୍ର ପରବର୍ତ୍ତୀ ସମୟରେ ରାଜ୍ୟ, ଦେଶ ଓ ବିଦେଶରେ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇଥିଲେ।

ରଙ୍କଭାଇ ଜଣେ ଉଚ୍ଚକୋଟୀର କଳାକାର ମଧ୍ୟ ଥିଲେ। ବିଶେଷକରି ମହିଳା ଚରିତ୍ରରେ ସେ ଚମତ୍କାର ଅଭିନୟ କରୁଥିଲେ। ବିଦ୍ୟାଳୟରେ ଡ୍ରାମା ହେଲେ ସେତେବେଳର ବିଶିଷ୍ଟ ଲେଖକ ଓ ଶିକ୍ଷକ ଶ୍ରୀ ନୀଳକଣ୍ଠ ମିଶ୍ର (ମୋର ପୂଜ୍ୟ ସାର) ସଂଳାପ ଲେଖୁଥିଲେ। ଶ୍ରୀ ରବିନାରାୟଣ ସିଂହଦେଓ ସାର୍ ନିର୍ଦ୍ଦେଶନା ଦେଉଥିଲେ। ଆଉ ଜଣେ ସୁଶିକ୍ଷକ ଶ୍ରୀ ଜଗନ୍ନାଥ ମହାପାତ୍ର ସାର୍ ହିରୋ ଭୂମିକାରେ ଅଭିନୟ କରୁଥିବା ବେଳେ, ରଙ୍କଭାଇ ହିରୋଇନ୍ ଭୂମିକାରେ ଅଭିନୟ କରୁଥିଲେ। ଏହି ଯୋଡ଼ି ସେତେବେଳେ ଆମ ଓଡ଼ିଆ ସିନେମାର ପ୍ରଶାନ୍ତ ନନ୍ଦ ଓ ମହେଶ୍ୱତାଙ୍କ ଯୋଡ଼ି ଭଳି ବହୁତ ଲୋକପ୍ରିୟ ଥିଲା।

କ୍ରୀଡ଼ାର ବିକାଶ ପାଇଁ ମଧ୍ୟ ରଙ୍କଭାଇଙ୍କ ଅବଦାନ ଅତୁଳନୀୟ। ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବରେ ସେ ବହୁତ ପରିଶ୍ରମ କରି ସମସ୍ତ କାର୍ଯ୍ୟକୁ ବ୍ୟକ୍ତିଗତ ଭାବରେ ତଦାରଖ କରୁଥିଲେ। ଛାତ୍ରମାନଙ୍କୁ କ୍ରୀଡ଼ା ପାଇଁ ସବୁବେଳେ ଉତ୍ସାହିତ କରୁଥିଲେ।

୧୯୮୮ ମସିହାରେ ସେ ଚାକିରୀରୁ ଅବସର ଗ୍ରହଣ କରିଥିଲେ ।

ରଣପୁରର ଫୁଟବଲ ଟିମ୍ ଯେଉଁଠିକୁ ଖେଳିବାକୁ ଯାଉଥିଲା, ରଙ୍କଭାଇ ନିଶ୍ଚିତ ଭାବେ ସେମାନଙ୍କ ସହିତ ଯାଉଥିଲେ ଏବଂ ଖେଳାଳିମାନଙ୍କୁ ଉତ୍ସାହିତ କରୁଥିଲେ। ତାଙ୍କ ସମୟରେ ରାଜ-ରଣପୁରର ଅନେକ ଯୁବକ କ୍ରୀଡ଼ା କ୍ଷେତ୍ରରେ ସଫଳତା ହାସଲ କରି ସରକାରୀ ଚାକିରି ପାଇଥିଲେ।

ମୋର ପିତା, କାକା, ମୁଁ, ମୋର ବଡ଼ ଭାଇ ଏବଂ ସାନଭାଇ—ସମସ୍ତେ ତାଙ୍କୁ 'ରଙ୍କଭାଇ' ବୋଲି ସମ୍ବୋଧନ କରୁଥିଲୁ। ଏହିଭଳି ଭାବରେ ସେ ଆମ ଅଞ୍ଚଳର ତିନି-ଚାରି ପିଢ଼ିର 'ଭାଇ' ହୋଇପାରିଥିଲେ।

ଏଭଳି ସମ୍ମାନ ଓ ଆତ୍ମୀୟତା କାହା ଭାଗ୍ୟରେ ମିଳେ? ଏହା ଥିଲା ଈଶ୍ୱରଙ୍କ ପ୍ରଦତ୍ତ ତାଙ୍କର ପ୍ରାକୃତିକ ସ୍ୱଭାବ ଓ ମହତ୍ ଗୁଣ। ସେ ଜୀବନର ଶେଷ ପର୍ଯ୍ୟନ୍ତ ସେହି ଗୁଣକୁ ନିଷ୍ଠାର ସହିତ ନିଭାଇଥିଲେ।

ମୁଁ ତାଙ୍କ ବିଷୟରେ ଲେଖିବାବେଳେ ଅଭିଭୂତ ହୋଇଯାଉଛି।

କିଭଳି ଜଣେ ମଣିଷ ସାରା ଜୀବନ ଅନ୍ୟର ପିଲାମାନଙ୍କୁ ନିଜ ପିଲା ଭଳି ଭଲ ପାଇ, ସେମାନଙ୍କୁ ଭଲ ମଣିଷ ଭାବରେ ଗଢ଼ି ତୋଳି ପାରିଥିଲେ—ଏହା ଆଜି ମଧ୍ୟ ମୋତେ ଆଶ୍ଚର୍ଯ୍ୟ କରେ।

ଆଜିର ଏହି ସ୍ୱାର୍ଥପର ଦୁନିଆରେ ଆଉ ଏକ ପ୍ରକାର ସ୍ୱାର୍ଥପରତା ଯୋଡ଼ି ହୋଇଯାଇଛି। ଅନ୍ୟର ସନ୍ତାନ ଭଲ କ୍ୟାରିୟର କଲେ ମଧ୍ୟ ଅନେକେ ତାହା ସହିପାରୁ ନାହାନ୍ତି। କିନ୍ତୁ ରଙ୍କଭାଇ ଥିଲେ ଏହାର ସମ୍ପୂର୍ଣ୍ଣ ବିପରୀତ। ଅନ୍ୟର ପିଲାର ସଫଳତା ହିଁ ଥିଲା ତାଙ୍କର ନିଜ ସଫଳତା।

ରଙ୍କଭାଇ ଜଣେ ଅତ୍ୟନ୍ତ ସାମାଜିକ ବ୍ୟକ୍ତି ଥିଲେ। ରାଜ-ରଣପୁର ଅଞ୍ଚଳରେ ଏମିତି କୌଣସି ବିବାହ, ବ୍ରତ, ଛୁତିକିଆ କିମ୍ବା ମୃତିକିଆ, ଯେଉଁଠାରେ ରଙ୍କଭାଇଙ୍କୁ ନିମନ୍ତ୍ରଣ କରାନଯାଏ। ଅନେକ ସମୟରେ ସେ ନିମନ୍ତ୍ରଣର ଅପେକ୍ଷା ନକରି ସ୍ୱତଃସ୍ଫୂର୍ତ୍ତ ଭାବେ ସେଠାରେ ପହଞ୍ଚି ଯାଉଥିଲେ।

ମୁଁ ନିଜେ ଦେଖିଛି, ରାଜ-ରଣପୁର ଅଞ୍ଚଳ ବାହାରେ ରହୁଥିବା ବ୍ୟକ୍ତିମାନେ ରଣପୁର ଆସିଲେ ରଙ୍କଭାଇଙ୍କୁ ଖୋଜୁଥିଲେ। ଆଉ ଯଦି ସେ ଖବର ପାଉଥିଲେ ଯେ ତାଙ୍କର କୌଣସି ପରିଚିତ ବ୍ୟକ୍ତି ରଣପୁର ଆସିଛନ୍ତି, ତେବେ ସେ ନିଜେ ତାଙ୍କ ପାଖକୁ ଯାଇ ପହଞ୍ଚୁଥିଲେ।







ଏହି ମହାନ ସମାଜସେବୀ ୨୨.୦୯.୨୦୦୮ ମସିହାରେ ୮୪ ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଥିଲେ।

ସେହିଦିନ ରାଜ-ରଣପୁରରେ ଭୀଷଣ ବର୍ଷା ହେଉଥିଲା। ସତେ ଯେମିତି ସେ ତାଙ୍କର ଅତି ପ୍ରିୟ ସ୍ଥାନ ରାଜ-ରଣପୁର ଏବଂ ଏଠାକାର ଜନସାଧାରଣଙ୍କୁ ବର୍ଷାଜଳର ଶୀତଳ ସ୍ପର୍ଶ ପ୍ରଦାନ କରି ସମସ୍ତଙ୍କୁ ଛାଡ଼ି ଚାଲିଯାଉଥିଲେ।

ଆଜି ମଧ୍ୟ ତାଙ୍କର ସେହି ନିରୀହ ମୁହଁଟି ମନେ ପଡ଼ିଗଲେ ଅନେକଙ୍କ ଆଖିରୁ ଅବାଧ ଭାବରେ ଲୋତକ ଝରିଆସେ।

ତାଙ୍କ ପରିବାରର ସୁପୁତ୍ର ଶ୍ରୀ ବିରଞ୍ଚି ନାରାୟଣ ଖମାରୀ ବଜେନ୍ଦ୍ର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ କଳାଶିକ୍ଷକ ଭାବରେ ଯୋଗଦେଇ ସଫଳତାର ସହିତ ଛାତ୍ରମାନଙ୍କର ପ୍ରିୟଭାଜନ ହୋଇପାରିଥିଲେ।

ଅଧୁନା ରଙ୍କଭାଇଙ୍କ ସୁଯୋଗ୍ୟ ନାତି ଶ୍ରୀ ଜିତେନ୍ଦ୍ର ଖମାରୀ (ମାଗି ସାର୍ )ଜଣେ ସଂସ୍କୃତ ଶିକ୍ଷକ ଭାବରେ ନିକଟସ୍ଥ ମହତପଲା ଉଚ୍ଚ ବିଦ୍ୟାଳୟରେ ଶିକ୍ଷାଦାନ କରୁଛନ୍ତି। ତାଙ୍କ ନାତୁଣୀବୋହୂ ଶାନ୍ତିଲତା ସାହୁ ମଧ୍ୟ ରାଇପଡା ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି।

ନାତି ଶ୍ରୀ ଜିତେନ୍ଦ୍ର ଖମାରୀ (ମାଗି ସାର) ଆଜି ଜଣେ ପାରମ୍ପରିକ ପାଲା ଗାୟକ ଭାବରେ ମଧ୍ୟ ଆମ ଓଡ଼ିଆ ସଂସ୍କୃତିର ପ୍ରଚାର, ପ୍ରସାର ଓ ବିକାଶରେ ନିଜର ଅବଦାନ ରଖୁଛନ୍ତି।


ରଙ୍କଭାଇ ଆଜି ଆମ ମଧ୍ୟରେ ନାହାନ୍ତି। କିନ୍ତୁ ତାଙ୍କର ସ୍ନେହ, ତ୍ୟାଗ, ସେବା, ମାନବିକତା ଓ ନିଃସ୍ୱାର୍ଥପରତା ଆଜି ମଧ୍ୟ ରାଜ-ରଣପୁରର ଲୋକମାନଙ୍କ ହୃଦୟରେ ଜୀବନ୍ତ।

ସେ ଜଣେ ମଣିଷ ଥିଲେ, କିନ୍ତୁ ତାଙ୍କର ମାନବିକତା ତାଙ୍କୁ ଜଣେ ମହାନ ମଣିଷରେ ପରିଣତ କରିଥିଲା। ତାଙ୍କ ଭଳି ମଣିଷମାନେ ଚାଲିଯାଆନ୍ତି, କିନ୍ତୁ ସେମାନଙ୍କର ଆଦର୍ଶ ଓ ସ୍ମୃତି କେବେ ମରେ ନାହିଁ।

*ବଡ଼ଦାଣ୍ଡ ସାହି, ରାଜ-ରଣପୁର*
*ମୋ : ୯୪୩୭୨ ୨୮୮୫୬*

## ମଣିମା ଶୁଣିମା ହେଉ...













## ସୂଚନା

ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims
Multilingual Weekly

ବିଜ୍ଞାପନ ପ୍ରକାଶ ପାଇଁ କିମ୍ବା ଟ୍ରଷ୍ଟର ଆଜୀବନ ସଦସ୍ୟତା ପାଇଁ ସ୍କାନ୍ କରି ଦେୟ ରାଶି ପ୍ରଦାନ କରି ଆମକୁ ସହଯୋଗ କରନ୍ତୁ ଏବଂ ଆମ ସହ ଯୋଡି ହୁଅନ୍ତୁ।

**ସବିଶେଷ ଯୋଗାଯୋଗ :**
ମୋବାଇଲ୍ : ୯୦୯୦୨୨୫୩୫୩
**Email:**
voiceofvictim2019@gmail.com
voiceofvictimsnews@gmail.com
**Website :**
https://voiceofvictims.co.in
**E-Paper :**
voiceofvictimsepaper.in

# ସବୁ କ୍ଷେତ୍ରରେ ଗୁରୁମାନଙ୍କର ବଳିଷ୍ଠ ଅବଦାନ ରହିଛି : ସୋଆ ଉପସଭାପତି



ଭୁବନେଶ୍ୱର (ଭିଓଭି) : ମଣିଷର ଜୀବନ ଗଠନ ଓ ତା'ର ଭବିଷ୍ୟତର ଭିତିଭୂମି ପ୍ରସ୍ତୁତ କରିବାରେ ଗୁରୁମାନଙ୍କର ଭୂମିକା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ। ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଗୁରୁମାନଙ୍କର ବଳିଷ୍ଠ ଅବଦାନ ରହିଛି ବୋଲି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶ୍ରୀମତି ଶାଶ୍ୱତୀ ଦାସ କହିଛନ୍ତି। ସୋଆର ସାମାଜିକ ଓ ସାଂସ୍କୃତିକ ସଂଗଠନ 'ଜାଗୋ' କ୍ଲବ ପକ୍ଷରୁ ଶନିବାର ଆୟୋଜିତ ଗୁରୁ ଦିବସ ପାଳନ ଓ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀମତି ଦାସ ଜାଗୋ କ୍ଲବ ସହ ଜଡ଼ିତ ସୋଆର ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ପ୍ରକୃତ ଗୁରୁ ଭାବେ ଅଭିହିତ କରିଥିଲେ।

ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀମତି ଦାସ କହିଥିଲେ ଯେ ୨୦୦୭ ମସିହାରେ ଆରମ୍ଭ ହୋଇଥିବା 'ଜାଗୋ' ଆଜି ଏକ ମହତ୍ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି। ଆରମ୍ଭରୁ ସୋଆର ଛାତ୍ରଛାତ୍ରୀମାନେ କ୍ୟାମ୍ପସ ନିକଟବର୍ତୀ ବସ୍ତିରେ ବସବାସ କରୁଥିବା ଆର୍ଥିକ ଓ ସାମାଜିକ ଭାବେ ଅନଗ୍ରସର ପରିବାରର କୁନି କୁନି ଶିଶୁମାନଙ୍କୁ କ୍ୟାମ୍ପସକୁ ଆଣି ଶିକ୍ଷାଦାନ କରିବା ସହ ସେମାନଙ୍କର ସାମଗ୍ରିକ ବିକାଶ ଦିଗରେ ସହାୟତା ଯୋଗାଇ ଆସୁଛନ୍ତି।

ଦୀର୍ଘ ବର୍ଷ ଧରି ନିଷ୍ଠା ଓ ସମର୍ପଣର ସହ ଏହି ମହତ୍ କାର୍ଯ୍ୟକୁ ଆଗେଇ ନେଇଥିବା ଜାଗୋର ଛାତ୍ରଛାତ୍ରୀ ସଦସ୍ୟମାନଙ୍କ ଅବଦାନକୁ ପ୍ରଶଂସା କରି ଶ୍ରୀମତି ଦାସ କହିଥିଲେ ଯେ ସେମାନେ କେବଳ ଶିକ୍ଷାଦାନ କରୁନାହାନ୍ତି ବରଂ ଅନେକ ଶିଶୁଙ୍କ ଜୀବନରେ ଆଶା ଓ ସମ୍ଭାବନାର ଆଲୋକ ପ୍ରଜ୍ୱଳିତ କରୁଛନ୍ତି।

## ଜାଗୋ କ୍ଲବ ପକ୍ଷରୁ ଗୁରୁ ଦିବସ ପାଳିତ

ଗୁରୁଦିବସ ଅବସରରେ ସେ ସମସ୍ତ ଜାଗୋ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଜାଗୋ କ୍ଲବର ପ୍ରଶଂସନୀୟ କାର୍ଯ୍ୟଧାରାକୁ ଉଚ୍ଚ ପ୍ରଶଂସା କରିଥିଲେ। ସୋଆର ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ଜଣେ ଜଣେ ଗୁରୁ ଭାବେ ଅଭିହିତ କରି ସେ କହିଥିଲେ ଯେ ବିଶ୍ୱବିଦ୍ୟାଳୟ ହେଉଛି ଜ୍ଞାନର ଆଦାନପ୍ରଦାନ ଓ ସାମୂହିକ ଶିକ୍ଷାର କେନ୍ଦ୍ର। ପରସ୍ପରଠାରୁ ଶିକ୍ଷା ଲାଭ ଏବଂ ଜ୍ଞାନର ଆଦାନପ୍ରଦାନ ଦ୍ୱାରା ନୂତନ ଚିନ୍ତାଧାରାର ବିକାଶ ହେବା ସହ ଅଭିନବ ଗବେଷଣାର ସମ୍ଭାବନା ସୃଷ୍ଟି ହୋଇଥାଏ। ତେଣୁ ବିଶ୍ୱବିଦ୍ୟାଳୟରେ ପ୍ରତ୍ୟେକ ଛାତ୍ରଛାତ୍ରୀ କୌଣସି ନା କୌଣସି ଭାବରେ ଅନ୍ୟମାନଙ୍କ ପାଇଁ ଗୁରୁର ଭୂମିକା ନିର୍ବାହ କରିଥାନ୍ତି ବୋଲି ପ୍ରଫେସର ନନ୍ଦ କହିଥିଲେ।

ଏହି କାର୍ଯ୍ୟକ୍ରମରେ ଆଇଟିଇଆରର ଡିନ୍ ପ୍ରଫେସର ପି.କେ ସାହୁ, ସୋଆର ଡିନ୍ (ରିସର୍ଚ୍ଚ ଆଣ୍ଡ ଡେଭଲପମେଂଟ) ପ୍ରଫେସର ଜେ.କେ. ନାଥ, କଂଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ପ୍ରଫେସର ମଞ୍ଜୁଳା ଦାସ ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ଗୁରୁ ଦିବସର ମହତ୍ ଉପରେ ଆଲୋକପାତ କରିବା ସହ 'ଜାଗୋ' କ୍ଲବର କାର୍ଯ୍ୟଧାରାକୁ ଭୂୟସୀ ପ୍ରଶଂସା କରିଥିଲେ। ଗୁରୁ ଦିବସ ଅବସରରେ ଶନିବାର ସକାଳେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ସାମିଲ ହୋଇଥିବା ସୋଆର ଫ୍ୟାକଲ୍ଟି ସଦସ୍ୟ, କର୍ମଚାରୀ, ଛାତ୍ରଛାତ୍ରୀ ଏବଂ ଜାଗୋର ଶିଶୁମାନଙ୍କ ମଧ୍ୟରୁ କୃତି ପ୍ରତିଯୋଗୀମାନଙ୍କୁ ଶ୍ରୀମତି ଦାସ ଓ ଅନ୍ୟ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଆଡିସ୍‌ନାଲ ଡିନ୍ (ଷ୍ଟୁଡେଂଟ ଆଫେୟାର୍ସ) ଆଇଟିଇଆର ପ୍ରଫେସର ରେଣୁ ଶର୍ମା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜାଗୋର ମେଂଟର ପ୍ରଫେସର ଅନୀତା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସୋଆର ଛାତ୍ରଛାତ୍ରୀ, ଜାଗୋ ସଦସ୍ୟ ଏବଂ କୁନି କୁନି ଶିଶୁମାନଙ୍କ ପକ୍ଷରୁ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.... ୬୫ ବର୍ଷର ଐତିହ୍ୟ ଧ୍ୱଂସସ୍ତୂପରେ !

ଆକାଶ ତଳେ ପଡ଼ିରହିଛି। ଯେଉଁ ହାଇଡେସ୍କରେ ବସି ଛାତ୍ରମାନେ ଭବିଷ୍ୟତର ସ୍ୱପ୍ନ ଦେଖୁଥିଲେ, ଯେଉଁ ଟେବୁଲରେ ଶିକ୍ଷକମାନେ ଶତାଧିକ ପିଲାଙ୍କ ଭବିଷ୍ୟତ ଗଢ଼ିଥିଲେ, ସେହି ଆସବାବପତ୍ର ଆଜି କବାଡ଼ିଆର ଅପେକ୍ଷାରେ ପଡ଼ିଥିବା ଭଳି ଦେଖାଯାଉଛି। ପୁରୁଣା ଗୃହ କିମ୍ବା ଆସବାବପତ୍ର ସବୁଦିନ ପାଇଁ ରହିବା ଦରକାର, ଏହା ନିଶ୍ଚିତ ଭାବେ ପ୍ରଶ୍ନ ନୁହେଁ। ଯଦି କୌଣସି ଗୃହ ବିପଦସଙ୍କୁଳ, ତେବେ ତାହାକୁ ଭାଙ୍ଗିବାର ଆବଶ୍ୟକତା ଥାଇପାରେ। କିନ୍ତୁ ଭାଙ୍ଗିବା ପୂର୍ବରୁ ବିକଳ୍ପ ବ୍ୟବସ୍ଥା, ନୂତନ ନିର୍ମାଣର ଯୋଜନା ଓ ପୁରୁଣା ଆସବାବପତ୍ରର ସୁରକ୍ଷିତ ସଂରକ୍ଷଣ ବ୍ୟବସ୍ଥା କରାଯାଇଥିଲା କି ନାହିଁ, ଏହା ହିଁ ଏବେ ବଡ଼ ପ୍ରଶ୍ନ।

## ୨ରୁ ୩ ଲକ୍ଷ ଟଙ୍କାର ସାମଗ୍ରୀ କ'ଣ ହେଲା ?

ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ପୁରୁଣା କାଠର ଆସବାବପତ୍ରର ଆନୁମାନିକ ମୂଲ୍ୟ ପ୍ରାୟ ୨ରୁ ୩ ଲକ୍ଷ ଟଙ୍କା ହୋଇପାରେ। ଯଦି ଏହା ସତ୍ୟ, ତେବେ ଏତେ ମୂଲ୍ୟବାନ ସାମଗ୍ରୀକୁ ଖୋଲା ଆକାଶ ତଳେ ପକାଇ ରଖିବାର ଆବଶ୍ୟକତା କ'ଣ ଥିଲା ? ସେଗୁଡ଼ିକୁ ନିଲାମ, ସଂରକ୍ଷଣ କିମ୍ବା ପୁନଃବ୍ୟବହାର ପାଇଁ ନିୟମାନୁସାରେ ପଦକ୍ଷେପ ନିଆଯାଇଥିଲା କି ? ସେଗୁଡ଼ିକ ବିକ୍ରି ହୋଇଥିଲେ କେଉଁ ପ୍ରକ୍ରିୟାରେ ? ଏଥିରୁ ମିଳିଥିବା ଅର୍ଥ କେଉଁ ଖାତାରେ ଜମା ହେଲା ? ଏଭଳି ଅନେକ ପ୍ରଶ୍ନ ଏବେ ଅଞ୍ଚଳବାସୀଙ୍କ ମନରେ ଉଠିଛି।

## ବିପଦସଙ୍କୁଳ ଅଭିଯୋଗ ରିପୋର୍ଟ ପରେ ଭଙ୍ଗା

ଘଟଣାକ୍ରମ ଅନୁଯାୟୀ, ନୟାଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ପୂର୍ତ୍ତ ବିଭାଗର ଜଣେ କନିଷ୍ଠ ଯନ୍ତ୍ରୀ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ତଦାରଖ ପରେ ପୁରୁଣା ଶ୍ରେଣୀଗୃହଗୁଡ଼ିକ ବିପଦସଙ୍କୁଳ ଥିବା ନେଇ ରିପୋର୍ଟ ଦିଆଯାଇଥିବା କୁହାଯାଉଛି। ଏହାପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୃହଗୁଡ଼ିକୁ ଭାଙ୍ଗିବା ପାଇଁ ଅନୁମତି ପ୍ରଦାନ କରିଥିବା ଜଣାପଡ଼ିଛି। କିନ୍ତୁ ଏଠାରେ ହିଁ ଉଠୁଛି ମୂଳ ପ୍ରଶ୍ନ, ଭାଙ୍ଗିବା ପରେ ସେହି ସ୍ଥାନରେ ନୂଆ ଗୃହ ନିର୍ମାଣର ଯୋଜନା କେଉଁଠି। ଘଟଣାକୁ ଆହୁରି ଗୁରୁତର କରିଛି ବିଦ୍ୟାଳୟ ପରିଚାଳନା ସମିତିର ବୈଠକ ସମ୍ପର୍କିତ ପ୍ରଶ୍ନ। ଅଭିଯୋଗ ହେଉଛି, ଏତେ ପୁରୁଣା ଶ୍ରେଣୀଗୃହଗୁଡ଼ିକୁ ଭାଙ୍ଗିବା ପୂର୍ବରୁ ବିଦ୍ୟାଳୟ ପରିଚାଳନା ସମିତି ବୈଠକରେ ଏନେଇ କୌଣସି ଆଲୋଚନା କିମ୍ବା ନିଷ୍ପତ୍ତି ହୋଇନଥିଲା। ପରିଚାଳନା ସମିତିର କେତେକ ସଦସ୍ୟ ଘଟଣାସ୍ଥଳକୁ ଆସି ଆପତ୍ତି ଜଣାଇଥିଲେ ମଧ୍ୟ ତାହାକୁ ଅଣଦେଖା କରାଯାଇ ଭଙ୍ଗା କାର୍ଯ୍ୟ ଜାରି ରହିଥିବା ଅଭିଯୋଗ ହୋଇଛି। ଯଦି ଏହି ଅଭିଯୋଗ ସତ୍ୟ, ତେବେ ପ୍ରଶ୍ନ ଉଠିବା ସ୍ୱାଭାବିକ, ଏକ ସରକାରୀ ବିଦ୍ୟାଳୟର ଏତେ ବଡ଼ ସମ୍ପତ୍ତି ସମ୍ପର୍କିତ ନିଷ୍ପତ୍ତିରେ ପରିଚାଳନା ସମିତିର ଭୂମିକା କେଉଁଠି ?



## ଭଙ୍ଗା ପାଇଁ ଅର୍ଥ ନାହିଁ, ନୂଆ ଗୃହ ପାଇଁ ମଧ୍ୟ ନାହିଁ

ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ପୁରୁଣା ଗୃହଗୁଡ଼ିକୁ ଭାଙ୍ଗିବା ପାଇଁ ମଧ୍ୟ ସ୍ୱତନ୍ତ୍ର ଅର୍ଥ ବରାଦ ହୋଇନଥିବା କୁହାଯାଉଛି। ଭଙ୍ଗା ଗୃହର ପୁରୁଣା କାଠ ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରି ଭଙ୍ଗା କାର୍ଯ୍ୟର ଖର୍ଚ୍ଚ ଭରଣା କରାଯାଉଥିବା ନେଇ ମଧ୍ୟ ଅଭିଯୋଗ ରହିଛି। ଏପରି ସ୍ଥିତିରେ ଏକାଧିକ ପ୍ରଶ୍ନ ଏବେ ସାମ୍ନାକୁ ଆସୁଛି।

- କିଏ ଦେଲା ଭଙ୍ଗାର ଅନୁମତି ?
- କେଉଁ ନିୟମ ଅନୁସାରେ ପୁରୁଣା ଆସବାବପତ୍ର ହଟାଗଲା ?
- ଆସବାବପତ୍ରର ମୂଲ୍ୟ ନିର୍ଦ୍ଧାରଣ ହୋଇଥିଲା କି ?
- ବିକ୍ରି ହୋଇଥିଲେ ତାହାର ଅର୍ଥ କେଉଁଠି ଜମା ହୋଇଛି ?
- ନୂତନ ଶ୍ରେଣୀଗୃହ ପାଇଁ ଅନୁଦାନ ଆସିଛି କି ?
- ପରିଚାଳନା ସମିତିର ଅନୁମୋଦନ ନିଆଯାଇଥିଲା କି ?


ଉପରୋକ୍ତ ପ୍ରଶ୍ନଗୁଡ଼ିକର ସ୍ପଷ୍ଟ ଉତ୍ତର ଏବେ ଅଞ୍ଚଳବାସୀ ଚାହୁଁଛନ୍ତି। ବିଦ୍ୟାଳୟର ପୁରୁଣା ଗୃହ ସୁରକ୍ଷିତ ନଥିଲେ ତାହାକୁ ଭାଙ୍ଗିବା ଏକ ପ୍ରଶାସନିକ ଆବଶ୍ୟକତା ହୋଇପାରେ। କିନ୍ତୁ ଏକ ଐତିହ୍ୟବାହୀ ଅନୁଷ୍ଠାନର ସ୍ମୃତିକୁ ସମ୍ମାନ ଦେଇ, ପୁରୁଣା ସମ୍ପତ୍ତିର ସଠିକ ହିସାବ ରଖି, ବିକଳ୍ପ ବ୍ୟବସ୍ଥା କରି ଏବଂ ନୂତନ ନିର୍ମାଣର ସ୍ପଷ୍ଟ ଯୋଜନା ସହିତ ଏଭଳି ପଦକ୍ଷେପ ନିଆଯିବା ଉଚିତ ବୋଲି ଅଞ୍ଚଳର ବୁଦ୍ଧିଜୀବୀ ଓ ପୁରାତନ ଛାତ୍ରମାନେ ମତ ଦେଉଛନ୍ତି। ସେମାନଙ୍କ ମତରେ, ଏକ ଗୃହ ଭାଙ୍ଗିବା ସହଜ; କିନ୍ତୁ ତାହା ସହିତ ଜଡ଼ିତ ୬୫ ବର୍ଷର ସ୍ମୃତିକୁ ଫେରାଇ ଆଣିବା ସମ୍ଭବ ନୁହେଁ। ସାରଙ୍ଗଧରପୁର ହାଇସ୍କୁଲର ପୁରୁଣା ଗୃହ ଭଙ୍ଗାଯିବା, ପୁରୁଣା ଆସବାବପତ୍ରର ବ୍ୟବସ୍ଥାପନା, ତାହାର ମୂଲ୍ୟ ଓ ବିକ୍ରି ପ୍ରକ୍ରିୟା, ଭଙ୍ଗା କାର୍ଯ୍ୟର ଅନୁମତି ଏବଂ ପରିଚାଳନା ସମିତିର ଭୂମିକା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଓ ନିରପେକ୍ଷ ତଦନ୍ତ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସେହିପରି ଭାଙ୍ଗିଦିଆଯାଇଥିବା ସ୍ଥାନରେ ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ତୁରନ୍ତ ଯୋଜନା ପ୍ରସ୍ତୁତ କରି ଅନୁଦାନ ବ୍ୟବସ୍ଥା କରିବାକୁ ମଧ୍ୟ ଦାବି ହୋଇଛି। ସାରଙ୍ଗଧରପୁର ହାଇସ୍କୁଲ କେବଳ ଇଟା-ପଥରର ଏକ ଶିକ୍ଷାନୁଷ୍ଠାନ ନୁହେଁ। ଏହା ଅନେକ ପିଢ଼ିର ସ୍ୱପ୍ନ, ସଂଘର୍ଷ ଓ ସଫଳତାର ସାକ୍ଷୀ। ଆଜି ସେହି ୬୫ ବର୍ଷର ଐତିହ୍ୟ ଧ୍ୱଂସସ୍ତୂପରେ ପଡ଼ିଥିବା ବେଳେ ସବୁଠାରୁ ବଡ଼ ପ୍ରଶ୍ନ। ପୁରୁଣା ଘର ଭାଙ୍ଗିଲା, କିନ୍ତୁ ନୂଆ ସ୍ୱପ୍ନର ଘର କେବେ ତିଆରି ହେବ ?

# "SUSTAINABILITY: THE WISDOM TO USE, NOT ABUSE"

## "Progress is meaningful only when it does not mortgage the future."



Nihar Ranjan Acharya




Humanity has never been more powerful. We can travel into space, build intelligent machines, alter landscapes and extract resources from places our ancestors could never reach. Yet, despite all this progress, we face a fundamental question:

Have we become better at using resources—or merely better at consuming them?

This is the heart of sustainability.

Sustainability is often presented as a complicated environmental concept. In reality, its basic principle is remarkably simple: use Earth's resources wisely today so that they remain available tomorrow.

We do not live outside nature. We live because of nature.

The food on our plates depends on soil, water, sunlight and biodiversity. Our homes, vehicles and electronic devices require minerals and energy extracted from the Earth. The air we breathe, the water we drink and the ecosystems that regulate our climate are all natural assets.

Yet we frequently behave as if these resources are unlimited.

A Culture of Excess

The modern world has encouraged a culture of take, make, use and throw. A broken product is often replaced instead of repaired. Food is wasted. Plastic is used for minutes but can remain in the environment for generations. Clothes, electronics and household goods are discarded long before the end of their useful lives.

This model cannot continue indefinitely.

We need to move from "use and throw" to "use wisely."

Reduce what we consume unnecessarily. Reuse what still has value. Repair whenever possible. Recycle materials. Recover resources from waste.

The most sustainable waste is the waste we never create.

Water: A Warning We Cannot Ignore

Water provides perhaps the clearest lesson in sustainability.

We can manufacture almost everything—but we cannot manufacture functioning rivers, wetlands, forests and groundwater systems on demand.

Groundwater is being depleted in many regions. Rivers are polluted. Wetlands are disappearing. Rainwater is frequently allowed to run away instead of being harvested.

Saving water, therefore, is not simply about closing a tap. It means protecting watersheds, restoring wetlands, harvesting rainwater, preventing pollution and adopting efficient agricultural and industrial practices.

Every drop conserved today strengthens tomorrow's security.

Energy and Intelligent Development

Modern civilisation needs energy. The solution is not to stop development but to make development smarter.

Energy efficiency, renewable energy, cleaner transportation, sustainable buildings and responsible consumption can reduce the environmental cost of economic growth.

The wisest energy policy is not only producing more energy—it is also wasting less of what we already produce.

Science and technology can be powerful allies. Satellites can monitor forests, sensors can reduce water wastage, renewable technologies can generate cleaner energy and scientific innovation can make industries more efficient.

But technology alone cannot save us.

We need technological intelligence accompanied by human wisdom.

Sustainability Begins With Us

Sustainability is not only the responsibility of governments and industries. It begins with everyday choices.Do we buy what we need or what advertising persuades us to want?

Do we waste food?

Do we repair before replacing?

Do we carry reusable products?

Do we conserve electricity and water?

Do we protect trees instead of merely planting them?

These choices may seem small. But when millions of people make them, they become a powerful social force.

The Real Meaning of Development

A developed society should not be measured only by skyscrapers, highways, factories and consumption.

We must also ask:

How clean are its rivers?

How healthy are its forests?

How much biodiversity has it protected?"How efficiently does it use energy and water? "What kind of environment will it leave for its children?"

That is the deeper meaning of progress.The Earth does not need humanity to stop developing. It needs humanity to develop responsibly.

We must move from maximum consumption to optimum consumption; from extraction to regeneration; from disposable products to durable ones; and from short-term convenience to long-term responsibility.

Ultimately, sustainability is not about saving nature from humanity.

It is about saving humanity from its own excesses.

We have inherited an extraordinary planet.

Our greatest responsibility is to ensure that we do not leave behind a depleted one.

The future will judge our generation not by how much we consumed, but by how wisely we used what we were given.

Scientific Officer, Indian Climate Congress
Ph. 8249775817
E-Mail: nihar.acharya1973@gmail.com



# ONE YEAR AT BAR, TWO YEARS FOR BENCH

## *A new track to judicial service that demands to balance experience, training and equal opportunity.*



**SUPREET OJHA**

What if the road for becoming a judge did not have to be measured only in years you worked at the bar?? What if practical experience could be built through a combination of courtroom exposure, structured training and supervisedjudicial learning?? All these possibilities came to be true by the leniency in Supreme Court's recent judgement in *Bhumika Trust v union of India*has brought this question to the centre of the debate by rethinking the traditional 3 years practice requirement for the 2nd level judicial service.

This judgement's significance doesn't solely lie in reducing the period of bar practice to one year but in creating a wider pathway in the road of judicial preparation. This model comprises of 1 year of practice with organised training and clerkship. In my opinion, the court has not excluded experience but rather it questioned whether experienced candidate must come merely on the basis of prolonged litigation before judicial appointment.

For a lawyer who self made himself without any established family background, any financial backup or professional public network, all those hardworking 3 years can be considerably very laborioustthan they appear in the eligibility rulebook. This same challenge is also faced by female lawyers while entering into litigation particularly when professional opportunities, workplace conditions, nourishing responsibilities create additional barriers. This problem is not merely a women problem but this issue is a thorn question of economic and social problem equally for men and women who enter this profession without any inherited advantages.

But before getting into the case let me ask the readers a question that " why should only resistance time solely determines professional competence when structured training can be designed to developed that competence in due coarse of time? This particular question was answered by The Hon'ble Supreme Court where the judgement intended in 1 year at the Bar/advocacy practice can provide the aspirants all exposure of courtroom procedures while 2 years at judicial training and clerkship can offer systematic learning under experienced judicial institutions.

Dear readers, have you ever wondered of raising your son/daughter or own self to become a Judicial officer/Judge/Justice. Then be ready to start the structured journey in the route to Bench followed by several relaxing stages. For a parent who wants his son to be a judge then immediately after completing his higher secondary schooling , parents must encourage their son/daughter to pursue 5-years intregrated LLB or a 3 years LLB degree from a reputed national level college after securing a tremendous rank in the Law Admission Test. After obtaining the law degree, your son/daughter must enroll with the respective State Bar Council under the Advocates Act,1961 and fulfil all the requirements for praticising as an advocate. Then he/she now are eligible of entering into legal practice, gainig cortroom experiences. By keeping the judgement of *Bhumika Trust v. Union of India & Ors., W.P. (C) No. 1110 of 2025, 2026 INSC 904 (Sup. Ct. Aug. 21, 2026)* in mind, son/daughter must go through a 1 years of bar practice along with training and clerkship prescribed by court. Then the most satisfying part of this game arises i.e. clearing of State Judicial Service examination getting appointed as a Civil Judge.

Here the author is very satisfied with the judgement where Hon'ble Supreme Court has opened a wider door to judiciary without lowering its necessary expected standards.But!!!!!! One question is still lying in the author's mind i.e. " Is the pathway for creation of a judge is measured by the number of years spent being the Advocate ( BAR) or by gaining experience, training and integrity which is served to the Judicial officer ( BENCH)??? What do you think!!!!!!

**PH NO- 7605959758**




Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra** ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର